ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୬ ସେପ୍ଟେମ୍ବର, ୨୦୨୩

**ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା**

ସେମିଳିଗୁଡା,(ବାସୁଦେବ ବରାଡ)- କୋରାପୁଟ ଜିଲା ସେମିଳିଗୁଡା ବ୍ଲକ ରେଙ୍ଗା ପ୍ରାଥମିକ ବିଦ୍ୟାଳୟଠାରେ ମଙ୍ଗଳବାର ଗୁରୁ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅବସର ନେଇଥିବା ଶିକ୍ଷକ ମୋହନ ଚରଣ ମହାନ୍ତିଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଏସ୍ଏସ୍ଡି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗୋପୀନାଥ ନାୟକ, ରେଙ୍ଗା ପ୍ରାଥମିକ ବିଦ୍ୟାଳୟ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ବିଜୟ ଇଡଙ୍ଗ୍, ସହ ସମ୍ପାଦକ ମୁନିବର ସ୍ୱାଇଁ, ସିଆରସିସି ବିଭୂତି ଭୂଷଣ ସାହୁ, ବରିଷ୍ଠ ଶିକ୍ଷକ ବି.ଏନ. ପାତ୍ରଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।



## ସଂକ୍ଷେପରେ

### ଯୁକ୍ତ ୨ ଛାତ୍ରୀଙ୍କୁ ଗର୍ଭବତୀ କରି ଯୁବକ ଗିରଫ

ଜୟପୁର, ୫।୯ (ପବନ ପାଣିଗ୍ରାହୀ)

ଜଣେ ଯୁକ୍ତ ୨ ଛାତ୍ରୀଙ୍କୁ ଗର୍ଭବତୀ କରିବା ଅଭିଯୋଗରେ ଜୟପୁର ସଦର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ବିସିଂପୁର ଥାନା ମୁଣ୍ଡିଗୁଡ଼ାର ବିକାଶ ନାଗ (୧୯)। ପୋଲିସ ସୂଚନାନୁଯାୟୀ, ଅଭିଯୁକ୍ତ ଜଣେ ନାବାଳିକା କଲେଜ ଛାତ୍ରୀଙ୍କୁ ବଳାତ୍କାର କରି ଗର୍ଭବତୀ କରିଥିବା ନେଇ ଜୟପୁର ସଦର ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ପୋଲିସ ୨୮୮/୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହାପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ସଦର ଥାନାଧିକାରୀ ଈଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି।

### ଦୁର୍ଘଟଣାରେ ମା ମୃତ, ପୁଅ ଗୁରୁତର

ଜୟପୁର, ୫।୯ (ପବନ ପାଣିଗ୍ରାହୀ)

ଜୟପୁର ସଦର ଥାନା ଅଞ୍ଚଳରେ ମଙ୍ଗଳବାର ଏକ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବାବେଳେ ତାଙ୍କ ପୁଅ ଗୁରୁତର ଅଛନ୍ତି। ମୃତକ ହେଲେ ପରଜା ସାହି କେବିଡିର ବାଲୁମୁଣ୍ଡି ଜାନୀ (୪୫)। ତାଙ୍କ ପୁଅ କମୋଳ ଲୋଚନ ଗୁରୁତର ଅଛନ୍ତି। ଦୁର୍ଘଟଣା ଘଟାଇଥିବା ଯୁକୋ ଗାଡ଼ି ଡ୍ରାଇଭର ତଥା ଇରିଗେସନ କୋଲନୀର କେ. ଶିବଶଙ୍କର ପାତ୍ର (୪୧)ଙ୍କୁ ପୋଲିସ ଗିରଫ କରିଛି। ପୋଲିସ ସୂଚନାନୁଯାୟୀ, ଜୟପୁର ସଦର ଥାନା ଅଞ୍ଚଳ ପରଜା ସାହି କେବିଡିର ବାଲୁମୁଣ୍ଡି ପୁଅ କମଳଙ୍କ ସହ ବାଇକରେ ଦଶାହ କାମରେ ନନ୍ଦଗୁଡ଼ା ଯାଇଥିଲେ। ସେଠାରୁ ଫେରିବାବେଳେ ଏଫ୍ଏସ୍ଆଇ ଗୋଦାମ ନିକଟରେ ଏକ ଯୁକୋ ଗାଡ଼ି ସହ ସେମାନଙ୍କ ବାଇକ୍ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ବାଲୁମୁଣ୍ଡିଙ୍କ ମୃତ୍ୟୁ ହୋଇଥିଲା। ଗୁରୁତର କମଳ ଲୋଚନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏନେଇ ଜୟପୁର ସଦର ପୋଲିସ ଖବରପାଇ ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଜବତ କରି ଡ୍ରାଇଭରଙ୍କୁ ଗିରଫ କରିଛି।

### ମହିଳାଙ୍କୁ ଦୁର୍ବ୍ୟବହାର କରି ଯୁବକ ଗିରଫ

ଜୟପୁର, ୫।୯ (ପବନ ପାଣିଗ୍ରାହୀ)

ଜଣେ ମହିଳାଙ୍କୁ ଦୁର୍ବ୍ୟବହାର କରିବା ଅଭିଯୋଗରେ ଟାଉନଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେହେଲେ ଜୟପୁର ନୂଆସାହି ତୃତୀୟ ଲାଇନର ବିଶ୍ୱନାଥ ନାୟକ (୩୫)। ନୂଆସାହିର ବିଶ୍ୱନାଥ ତାଙ୍କୁ ଦୁର୍ବ୍ୟବହାର କରି ଆକ୍ରମଣ କରିବାକୁ ଧମକ ଦେଉଥିବା ତୃତୀୟ ଲାଇନର ପ୍ରମିଳା ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ଟାଉନଥାନା ପୋଲିସ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ବିଶ୍ୱନାଥ ୨୦୧୧ରେ ବିକ୍ରମଦେବ କଲେଜ ଗାଲର୍ସ ହଷ୍ଟେଲ ଭିତରେ ପଶି ଧରାପଡି ଗିରଫ ହୋଇଥିଲେ ବୋଲି ଟାଉନ ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର କହିଛନ୍ତି।

### ନାବାଳକଙ୍କୁ ନୋଟିସ ଦେଇ ଛଡ଼ିଲା ପୋଲିସ
### ସାହି ଗଣ୍ଡଗୋଳ, ୨ଗିରଫ

ଜୟପୁର,୫।୯(ପବନ ପାଣିଗ୍ରାହୀ)

ସାହିପଡ଼ିଶା ଗଣ୍ଡଗୋଳ ଘଟଣାରେ ପଡ଼ିଶା ଘର ଲୋକଙ୍କୁ ଆକ୍ରମଣ କରିବା ଅଭିଯୋଗରେ ଜୟପୁର ସଦରଥାନା ପୋଲିସ ଅନ୍ତା ଗ୍ରାମର ବାପା ଓ ପୁଅଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଏହି ମାମଲାରେ ଜଡ଼ିତ ନାବାଳକଙ୍କୁ ପୋଲିସ ନୋଟିସ୍ କରି ଛାଡି ଦେଇଥିବା ସଦର ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି। ଖବରରୁ ଜଣାପଡିଛି, ରୁପା ଅନକାଙ୍କ ନାବାଳକ ପୁଅ ବିଜୟ ଅନକା ଓ ତାଙ୍କ ପୁଅ ରାହୁଲଙ୍କ ସହ ନିକଟରେ ଗଣ୍ଡଗୋଳ ହୋଇଥିଲା। ବିଜୟ ଓ ରାହୁଲ ରୁପାଙ୍କ ପରିବାର ଉପରେ ଆକ୍ରମଣ କରିଥିଲେ। ଉଭୟ ପକ୍ଷଙ୍କ ଅଭିଯୋଗ କ୍ରମେ ଥାନାରେ ଦୁଇଟି ମାମଲା ରୁଜୁ ହୋଇଛି। ଏସ୍ଆଇ ଆରକେ ବାରିକ ଘଟଣାର ତଦନ୍ତ କରୁଛନ୍ତି। ଗୋଟିଏ ପକ୍ଷଙ୍କ ଅଭିଯୋଗକ୍ରମେ ବିଜୟ ଓ ତାଙ୍କ ପୁଅ ରାହୁଲଙ୍କୁ ଗିରଫ କରାଯାଇଥିଲା। ପରେ ନୋଟିସ କରି ସମ୍ପୃକ୍ତ ନାବାଳକଙ୍କୁ ପୋଲିସ ଛାଡି ଦେଇଛି।

# ଗୁରୁ ଅଦ୍ୱିତୀୟ ଈଶ୍ୱର

■ ଗୁରୁଙ୍କ ପାଇଁ ଦିନେ
■ ଜୟପୁରର ବିଭିନ୍ନ ଅନୁଷ୍ଠାନରେ ଗୁରୁ ଦିବସ

ଜୟପୁର,୫।୯ (ପବନ ପାଣିଗ୍ରାହୀ)

'ଗୁରୁବ୍ରହ୍ମା, ଗୁରୁବିଷ୍ଣୁ ଗୁରୁ ମହେଶ୍ୱର
ଗୁରୁ ସାକ୍ଷାତ ପରଂବ୍ରହ୍ମ,
ତସ୍ମୈଶ୍ରୀ ଗୁରୁବେ ନମଃ'

ସୋମବାର ଥିଲା ପବିତ୍ର ଗୁରୁଦିବସ। ଆଜି ଯିଏ ଯେଉଁ କ୍ଷେତ୍ରରେ ପ୍ରତିଷ୍ଠିତ ହୋଇଥାଆନ୍ତୁ ନା କାହିଁକି ତାଙ୍କୁ ସେଠାରେ ପହଞ୍ଚିବା ଲାଗି ତାଙ୍କ ପ୍ରତି ଜଣେ ଗୁରୁଙ୍କ ରହିଛି ଆଶୀର୍ବାଦ ଓ ଭଲପାଇବା। ବିନା ଗୁରୁରେ କୌଣସି କ୍ଷେତ୍ରରେ ସଫଳତା ପାଇବା କଷ୍ଟକର। କେବଳ କଷ୍ଟକର ନୁହେଁ ଅତୀବ କଷ୍ଟକର। ଏକଲବ୍ୟଙ୍କ ନିର୍ମଳ ଗୁରୁଭକ୍ତି ହିଁ ତାଙ୍କୁ ଦେଇଥିଲା ଧର୍ନୁବିଦ୍ୟା ଶିକ୍ଷାରେ ସଫଳତା। ନିଜର ନିଷ୍ଠା ଓ ଗୁରୁଙ୍କ ପ୍ରତି ତାଙ୍କର ଥିବା ଅକପଟ ଭଲପାଇବା ତାଙ୍କୁ ଜଣେ ବିଚକ୍ଷଣ ଧର୍ନୁଯୋଦ୍ଧା ରୂପେ ପ୍ରତିଷ୍ଠିତ କରିଥିଲା। ଜୟପୁର ସହରର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଉପର କୋଲାବ ଯୋଜନା ଉଚ୍ଚ ବିଦ୍ୟାଳୟ, ଅରବିନ୍ଦ ନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସରକାରୀ ଉଚ୍ଚ ବିଦ୍ୟାଳୟ ସହ ବିଭିନ୍ନ ଶିକ୍ଷାନୁଷ୍ଠାନରେ ସୋମବାର ଗୁରୁଦିବସକୁ ଛାତ୍ରୀଛାତ୍ରମାନେ ଆନନ୍ଦଉଲ୍ଲାସର ସହ ପାଳନ କରିଛନ୍ତି। ସର୍ବପଲ୍ଲି ରାଧାକ୍ରିଷ୍ଣନଙ୍କ ଜନ୍ମଦିବସକୁ ସ୍ମରଣ କରି ଛାତ୍ରୀଛାତ୍ରମାନେ ନିଜ ଶିକ୍ଷାନୁଷ୍ଠାନରେ ଗୁରୁପୂଜା, ଗୁରୁବନ୍ଦନା କରି ଗୁରୁମାନଙ୍କ ଶୁଭାଶିଷ କାମନା କରିଛନ୍ତି। ଜୟପୁରର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ଅଭିଷେକ କୁମାର ଭୂଏ, ସ୍କାଉଟ ଶିକ୍ଷକ ରାଧାମୋହନ ପଣ୍ଡା ଓ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ତପନ କିରଣ ତ୍ରିପାଠୀ, ମିହିର ମିଶ୍ର, ଅବସର ପ୍ରାପ୍ତ ଶିକ୍ଷକ ବି. ସିମାଦ୍ରୀ ଆପ୍ପା, ଶର୍ମିଷ୍ଠା ମହାରଣା, ଶୁଭ୍ରଜିତ ପଟ୍ଟନାୟକ, ଅଂଶୁମାନ ପ୍ରିୟଦର୍ଶୀ, ଆଦିଶ୍ରୀ ରାଉତ, ପ୍ରଧାନ ଆଚାର୍ଯ୍ୟ ଲକ୍ଷ୍ମୀକାନ୍ତ ମିଶ୍ରଙ୍କ ତତ୍ତ୍ୱାବଧାନରେ ହୋଇଥିବା କାର୍ଯ୍ୟକ୍ରମମାନଙ୍କରେ ଛାତ୍ରୀଛାତ୍ରମାନେ ଗୁରୁଙ୍କ ବିନା ଜଗତ ଅନ୍ଧାର। ସେ ପିଲାମାନଙ୍କ ପାଇଁ ଆଲୋକବର୍ତ୍ତିକା ବୋଲି ପ୍ରକାଶ କରି ସେ ସେମାନଙ୍କ ପାଇଁ ଦୟାଶୀଳ, କ୍ଷମାଶୀଳ ଓ ସର୍ବକୁଶଳକାରୀ ଅଦ୍ୱିତୀୟ ଈଶ୍ୱର ରୂପେ ବର୍ଣ୍ଣନା କରିଥିଲେ। ଛାତ୍ରୀଛାତ୍ରମାନେ ପ୍ରାରମ୍ଭିକ ସଙ୍ଗୀତ ଗାନରେ ଗୁରୁ ବନ୍ଦନା କରି ସଂସାରରେ ଗୁରୁଙ୍କ ଶ୍ରେଷ୍ଠତା ଉପରେ ମତ ରଖିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ଯଜ୍ଞେଶ୍ୱର ପଣ୍ଡା ସଂଯୋଜନା କରିଥିଲେ। ଶିକ୍ଷକ ବିଶ୍ୱ ରଞ୍ଜନ ଗୌଡ ଧନ୍ୟବାଦ ଦେଇଥିଲେ। ଶିକ୍ଷୟିତ୍ରୀ କେ.ପ୍ରମିଳା, ରଶ୍ମିତା ନାହାକ, ବନିତା ଶତପଥୀ, ତନୱିର ମହମ୍ମଦ, ସୋମନାଥ ସାକିଆଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନରେ ସହଯୋଗ କରିଥିଲେ। ପଙ୍କଜ ପାତ୍ର ଧନ୍ୟବାଦ ଦେଇଥିଲେ।

## ମିନି ଷ୍ଟାଡିୟମର ଭିତ୍ତିପ୍ରସ୍ତର

କୋରାପୁଟ,୫।୯ (ଅମିତାଭ ବେହେରା)

କୋରାପୁଟରେ ୩ କୋଟି ୪୦ ଲକ୍ଷ ଟଙ୍କା ବ୍ୟୟରେ ହେବାକୁ ଥିବା ମିନି ଷ୍ଟାଡିୟମର ମଙ୍ଗଳବାର ଭିତ୍ତିପ୍ରସ୍ତର ପଡିଛି। ଏଥିରେ ବିଧାୟକ ରଘୁରାମ ପଡାଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ଷ୍ଟାଡିୟମର ଶିଳାନ୍ୟାସ କରିଥିଲେ। ସହରର ପୂଜାରୀପୁଟ ସ୍ଥିତ ପୁରାତନ ଷ୍ଟାଡିୟମ ନିକଟରେ ଏହି ନୂତନ ମିନି ଷ୍ଟାଡିୟମ କରାଯିବ। ଷ୍ଟାଡିୟମରେ ଫୁଟ୍‌ବଲ, ବାସ୍କେଟ ବଲ, ଭଲିବଲ କୋର୍ଟ ରହିବ ବୋଲି ବିଧାୟକ ସୂଚନା ଦେଇଛନ୍ତି। ଏହି ଅବସରରେ କୋରାପୁଟ ପୌରାଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀଙ୍କ ସମେତ ମ୍ୟୁନିସିପାଲିଟି ଉପାଧ୍ୟକ୍ଷା ସବିତା ପଣ୍ଡା ଓ ଅନ୍ୟ କାଉନସିଲରମାନେ ଉପସ୍ଥିତ ଥିଲେ।

## ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜୟନ୍ତୀ

କୋରାପୁଟ,୫।୯ (ଅମିତାଭ ବେହେରା)

କୋରାପୁଟ ସରକାରୀ ମହାବିଦ୍ୟାଳୟ ସ୍ନାତକୋତ୍ତର ବାଣିଜ୍ୟ ବିଭାଗ ପକ୍ଷରୁ ଭାରତର ପ୍ରଥମ ଉପରାଷ୍ଟ୍ରପତି ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଛି। ଏଥିରେ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ଜୟନ୍ତ ମହାନ୍ତି ଯୋଗଦେଇ ବିଭାଗୀୟ ମୁଖ୍ୟ ଡ. ପ୍ରକାଶ ପ୍ରଧାନ ପୂର୍ବତନ ରାଷ୍ଟ୍ରପତିଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣକରି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଛାତ୍ରୀଛାତ୍ରଙ୍କୁ ଶୃଙ୍ଖଳିତ ଜୀବନଚର୍ଯ୍ୟା ନେଇ ପରାମର୍ଶ ଦେଇଥିଲେ। ଅଧ୍ୟାପକ ଡ. ଶିବରାମ ବଡରଇତ, ଏମ. ଦୀପକ କୁମାର, ଶିବ ଶଙ୍କର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଏକ ଚାରାରୋପଣ କାର୍ଯ୍ୟକ୍ରମ ହୋଇଥିଲା। ବକ୍ତୃତା ପ୍ରତିଯୋଗିତାରେ ସ୍ନାତକୋତ୍ତର ଛାତ୍ରୀ ସ୍ମୃତି ଦାସ ପ୍ରଥମ ସ୍ଥାନ ହାସଲ କରି ପୁରସ୍କୃତ ହୋଇଥିଲେ।

## ଗଛ ପଡ଼ି ବିଦ୍ୟୁତ୍ ତାର ଛିଣ୍ଡି ଅନ୍ଧାରରେ ସହର



ପ୍ରବଳ ବର୍ଷା ଯୋଗୁ ରାସ୍ତାରେ ବୋହି ଯାଉଥିବା ବର୍ଷାଜଳ।

**କୋରାପୁଟରେ ପ୍ରବଳ ବର୍ଷା**

କୋରାପୁଟ,୫।୯(ଅମିତାଭ ବେହେରା)

କୋରାପୁଟରେ ମଙ୍ଗଳବାର ଅପରାହ୍ନରେ ପ୍ରାୟ ଏକ ଘଣ୍ଟା ଧରି ଘଡଘଡି ସାଙ୍ଗକୁ ପ୍ରବଳ ବର୍ଷା ଯୋଗୁ ବିଭିନ୍ନ ସ୍ଥାନରେ ଗଛ ପଡ଼ି ବିଦ୍ୟୁତ ସେବା ବନ୍ଦ ରହିଛି। ଖବର ଲେଖା ଯିବା ପର୍ଯ୍ୟନ୍ତ ବିଦ୍ୟୁତ୍ ସେବା ସ୍ୱାଭାବିକ ହୋଇ ନ ଥିଲା। ଫଳରେ ସହର ଅନ୍ଧକାର ରହିଛି।

ଘଡ଼ଘଡ଼ି ବର୍ଷାରେ କୋରାପୁଟ ଓଏମ୍‌ପି ନିକଟରେ ଏକ ବିରାଟ ଗଛ ଉପୁଡି ପଡ଼ିବାରୁ ବିଦ୍ୟୁତ ତାର ଓ ଖୁଣ୍ଟ ଭାଙ୍ଗି ପଡିଥିଲା। ଏହାକୁ ଯୁଦ୍ଧକାଳୀନଭାବେ ମରାମତି କାର୍ଯ୍ୟ ଚାଲିଥିବା କୋରାପୁଟ ବିଦ୍ୟୁତ ବିଭାଗର ଯନ୍ତ୍ରୀ ଦେବଦତ୍ତ ମହାପାତ୍ର କହିଛନ୍ତି। ପ୍ରବଳ ବର୍ଷା ଯୋଗୁ ସହରରେ ବିଭିନ୍ନ ସ୍ଥାନରେ ବର୍ଷା ପାଣି ରାସ୍ତାରେ ଜମି ରହିଛି। ସ୍ଥାନୀୟ ଖଣି କାର୍ଯ୍ୟାଳୟ ସମ୍ମୁଖ ୨୬ ନଂ ଜାତୀୟ ରାଜପଥରେ ୩ ଫୁଟର ବର୍ଷାପାଣି ପ୍ରବାହିତ ହେଉଛି। ପ୍ରକାଶ ଯେ, ମଙ୍ଗଳବାର କୋରାପୁଟ ଜିଲାରେ ୨୮୩.୪ ମିମି ବର୍ଷା ହୋଇଛି। ଜିଲାର ସେମିଳିଗୁଡ଼ାରେ ସର୍ବାଧିକ ୭୫ ମିମି ବର୍ଷା ହୋଇଥିବା ଜିଲା ଜରୁରୀକାଳୀନ ବିଭାଗ ପକ୍ଷରୁ କୁହାଯାଇଛି।

# ଆସ ଖୋଜିବା ଅଭିଯାନ ଉଦ୍‌ଘାଟିତ




ଉପସ୍ଥିତ ଅତିଥିମାନେ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଉଛନ୍ତି।

ପଟ୍ଟାଙ୍ଗି,୫।୯(ଶରତ ଧଳ)

ସରକାରୀ ଯୋଜନାରେ କିପରି ଜନସାଧାରଣଙ୍କୁ ଅନ୍ତର୍ଭୁକ୍ତ କରାଯାଇପାରିବ ଏହାକୁ ଦୃଷ୍ଟିରେ ରଖି ପଟ୍ଟାଙ୍ଗି ବ୍ଲକରେ 'ଆସ ଖୋଜିବା ଅଭିଯାନ' ନିକଟରେ ଉଦ୍‌ଘାଟିତ ହୋଇଛି। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଆୟୋଜିତ ଉଦଘାଟନୀ କାର୍ଯ୍ୟକ୍ରମରେ ପଞ୍ଚାୟତ ପ୍ରତିନିଧିଙ୍କ ସହ ବିଭିନ୍ନ ଗ୍ରାମରେ କାର୍ଯ୍ୟ କରୁଥିବା ଓଏଲଏମ୍, ସିଆରପି ଏବଂ ଅଙ୍ଗନୱାଡ଼ି କର୍ମୀ ସାମିଲ ହୋଇଥିଲେ। ଉକ୍ତ ଅଭିଯାନ କିପରି ଜନଆନ୍ଦୋଳନରେ ପରିଣତ ହେବ ସେନେଇ ଗୁରୁତ୍ୱାରୋପ କରାଯାଇଥିଲା। ସରକାରଙ୍କ ବିଭିନ୍ନ ଯୋଜନାରୁ ବଞ୍ଚିତ ହୋଇ ରହିଯାଇଥିବା ଗ୍ରାମାଞ୍ଚଳର ପରିବାର ବର୍ଗଙ୍କୁ କିପରି ଯୋଜନାରେ ସାମିଲ କରାଯାଇପାରିବ ସେନେଇ ଉପସ୍ଥିତ କର୍ମଚାରୀଙ୍କୁ ବିଡ଼ିଓ ସୁକାନ୍ତ ପଟ୍ଟନାୟକ ବୁଝାଇଥିଲେ। ଯୋଗାଣ ବିଭାଗ ଭାରପ୍ରାପ୍ତ ଅଧିକାରୀ ଜନସନ୍ ବୁରୁ ଗ୍ରାମାଞ୍ଚଳରେ ବିଭିନ୍ନ ଯୋଜନାରୁ ବଞ୍ଚିତ ହୋଇ ରହିଯାଇଥିବା ହିତାଧିକାରୀଙ୍କୁ କିପରି ସାମିଲ କରାଯାଇପାରିବସେ ଉପରେ ବିଡିଓ ଗୁରୁତ୍ୱାରୋପ କର ଏନେଇ ରହିଥିବା ନିୟମାବଳୀ ସମ୍ପର୍କରେ ବୁଝାଇଥିଲେ। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ରେ ବୟୋଜ୍ୟେଷ୍ଠ ବ୍ୟକ୍ତି ଏବଂ ଭିନ୍ନକ୍ଷମଙ୍କୁ ଚିହ୍ନଟ କରିହେବ ସେନେଇ ବିଏସ୍ଏସଓ ସୁଧୀର ସାହୁ ବୁଝାଇଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା କଳ୍ପନା ପାଙ୍ଗି, ଜିଲା ପରିଷଦ ସଭ୍ୟା ଟିକାଇ ଗେମେଲ, ବିଧାୟକ ପ୍ରତିନିଧି ଜୟସିଙ୍ଗପଡା ସେଠୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଗୁରୁଦିବସ ଉପଲକ୍ଷେ ରକ୍ତଦାନ ଶିବିର



ଜଣେ ରକ୍ତଦାତା ରକ୍ତଦାନ କରୁଛନ୍ତି।

ନବରଙ୍ଗପୁର,୫।୯(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ଜୁନିୟର ରେଡ୍‌କ୍ରସ ପକ୍ଷରୁ ଗୁରୁ ଦିବସ ଉପଲକ୍ଷେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଜିଲା ଶିକ୍ଷା କାର୍ଯ୍ୟାଳୟର ସଦାଶିବ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଡିଇଓ ପ୍ରଦୀପ କୁମାର ନାଗ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଏଡିଇଓ ଡ. ରେଶମଲାଲ ନାୟକ ଏବଂ ବିଶ୍ୱନାଥ ସାହୁ, ଶାରିରୀକ ଶିକ୍ଷା ନିରୀକ୍ଷକ ପ୍ରଭାତ ପଟ୍ଟନାୟକ, ବିଜ୍ଞାନ ପରିଦର୍ଶକ ଚିତ୍ତରଞ୍ଜନ ପଟ୍ଟନାୟକ ଏବଂ ଜୁନିୟର ରେଡ୍‌କ୍ରସ ଅଧିକାରୀ ନାରାୟଣ ପାଇକରାୟ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ବିଦ୍ୟାଳୟର ମାଧ୍ୟମିକ ଓ ପ୍ରାଥମିକ ଶିକ୍ଷୟିତ୍ରୀ ଶିକ୍ଷକ, ଆକ୍ସିସ ବ୍ୟାଙ୍କର କର୍ମଚାରୀ ଓ ଯୁବଗୋଷ୍ଠୀ ଯୋଗଦାନ କରି ୬୫ ୟୁନିଟ ରକ୍ତଦାନ କରିଥିଲେ। ୧୨ ମହିଳା ଓ ୫୩ ଜଣ ପୁରୁଷ ରକ୍ତଦାନ କରିଥିଲେ। ଓଷ୍ଟାର ଜିଲା ସଭାପତି ବଂଶୀଧର ଭୂୟାଁ, ସାଧାରଣ ସମ୍ପାଦକ ମିହିରକାନ୍ତି ଡାଲି, ପୂର୍ବତନ ଶାରୀରିକ ଶିକ୍ଷାଧିକାରୀ ମନୋରଞ୍ଜନ ପ୍ରହରାଜ ଏବଂ ବିଭାଶିଷ ଦେ, ରେଡ୍‌କ୍ରସ ପରାମର୍ଶଦାତା ନଳିନୀକାନ୍ତ ପାତ୍ର, ପ୍ରକାଶିନୀ ଚୌଧୁରୀ, ମମତା ଖିଲ, ଅନିନ୍ଦିତା ନନ୍ଦ, ତାପସ୍ୱିନୀ ବେହେରା, ମନସ୍ମିତା ବେହେରା, ସସ୍ମିତା ବେହେରା, ପ୍ରୀତମ ବିଶ୍ୱାଳ, ସମୟ ମଲ୍ଲିକଙ୍କ ସମେତ ବହୁ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଡିଇଓ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ସେମିଳିଗୁଡ଼ା ଅଞ୍ଚଳରେ ଖାଉଟିଙ୍କୁ ଠକୁଛନ୍ତି ବ୍ୟବସାୟୀ

**ଏକ୍ସ-ପାଏରି ସାମଗ୍ରୀ ବିକ୍ରୁଛନ୍ତି**

ସେମିଳିଗୁଡ଼ା/ସୁନାବେଡା ୫।୯
(ବାସୁଦେବ ବରାଡ/କୃତ୍ତିବାସ ପ୍ରଧାନ)



କୋରାପୁଟ ଜିଲା ସେମିଳିଗୁଡ଼ା ଅଞ୍ଚଳରେ ସାଧାରଣ ଖାଉଟିଙ୍କୁ ଠକୁଛନ୍ତି ବ୍ୟବସାୟୀ। ନିକଟରେ ସେମିଳିଗୁଡ଼ା ଅଞ୍ଚଳର ଜଣେ ବ୍ୟକ୍ତି ଏପରି ଠକେଇର ଶିକାର ହୋଇଥିବା ସେ ଅଭିଯୋଗ କରିଛନ୍ତି। ସମ୍ପୃକ୍ତ ବ୍ୟକ୍ତି ଜଣକ ଅଭିଯୋଗ କରି କହିଛନ୍ତି ଯେ, ସେ ରବିବାର ହାଟ ଥିବାରୁ ଏକ ଦୋକାନରୁ ପତଞ୍ଜଳିର ରିଫାଇନ୍ ତେଲ କିଣି ଆଣିଥିଲେ। ଘରେ ନେଇ ଦେଖିବା ବେଳକୁ ତାହା ବ୍ୟବହାର କରିବା ସମୟ ସୀମା ଚାଲି ଯାଇଥିଲା। ତୁରନ୍ତ ସେ ସେହି ତେଲକୁ ନେଇ ସମ୍ପୃକ୍ତ ଦୋକାନୀଙ୍କୁ ଫେରାଇଥିଲେ। ଆଦିବାସୀ ଅଧ୍ୟୁଷିତ ସେମିଳିଗୁଡା ଅଞ୍ଚଳରେ ଏପରି ବ୍ୟବହାର ଅନୁପଯୋଗୀ ଅନେକ ସାମଗ୍ରୀ ବ୍ୟବସାୟୀମାନେ ବିକ୍ରି କରୁଛନ୍ତ। ଜାଣତରେ ହେଉ ବା ଅଜାଣତରେ ଏହାର ପରିଣାମ ସାଧାରଣ ଖାଉଟି ଭୋଗୁଛନ୍ତି। ଏପରି ସ୍ଥଳେ ଉକ୍ତ ଅଞ୍ଚଳରେ ଥିବା ଯୋଗାଣ ବିଭାଗ ନୀରବ ରହୁଥିବା ପରିଲକ୍ଷିତ ହେଉଛି। ଏସମ୍ପର୍କରେ ଯୋଗାଣ ବିଭାଗ ଅଧିକାରୀ କମଳା ସିଂଙ୍କୁ ପଚାରିବା ଲାଗି ବାରମ୍ବାର ଫୋନ କରିଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ। ପରେ ଜିଲା ଯୋଗାଣ ବିଭାଗର ଏସିଏସ୍ଓ ଶମ୍ଭୁ ପ୍ରସାଦ ଧରପାଲଙ୍କୁ ପଚାରିବାରୁ ସେ କହିଲେ, ଏପରି ଅଭିଯୋଗ ପୂର୍ବରୁ ଆସିନାହିଁ। ଯଦି କେହି ଏପରି ଅଭିଯୋଗ ...ଆଣନ୍ତି ତେବେ ବିଭାଗ ପକ୍ଷରୁ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ୩୩ କେଜି ଗଞ୍ଜେଇ, ଜବତ ୨ ଗିରଫ

ଲମତାପୁଟ, ୫।୯(ଭକ୍ତରାମ ବାଙ୍କିଆ)

କୋରାପୁଟ ଜିଲା ଲମତାପୁଟ ବ୍ଲକ ମାଛକୁଣ୍ଡ ପୋଲିସ ସୋମବାର ରାତିରେ ପାଟ୍ରୋଲିଂ ବେଳେ ୨ ଜଣ ଗଞ୍ଜେଇ ବ୍ୟବସାୟୀଙ୍କୁ ଗିରଫ କରିଛି। ସେମାନେ ହେଲେ ଆନ୍ଧ୍ରପ୍ରଦେଶ ମୁଚମପୁଟ ଥାନା ଡୁମୁଡିପୁଟ ଗ୍ରାମର ସୁତି ଖିଲ (୨୨) ଓ ହନ୍ତାଳ ଛୁରିଆ (୫୧)। ସୋମବାର ରାତିରେ ଉଭୟେ (ବାଇକ୍ ଓଡ଼ି୧୦-୭୦୧୭)ରେ ପରିବା ବସ୍ତାରେ ଗଞ୍ଜେଇ ଧରି ପାଡୁଆ ଅଞ୍ଚଳକୁ ଯାଉଥିଲେ। ଏହି ସମୟରେ ମାଛକୁଣ୍ଡ ଓ ଲମତାପୁଟର ବଡ଼ସଗର ନିକଟରେ ପାଟ୍ରୋଲିଂ କରୁଥିବା ପୋଲିସ ସୁତି ଓ ହନ୍ତାଳଙ୍କୁ ସନ୍ଦେହରେ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ସେମାନଙ୍କ ବସ୍ତାରୁ ଗଞ୍ଜେଇ ମିଳିଥିଲା। ଏହାର ପରିମାଣ ୩୩ କେଜି ଶହେ ଗ୍ରାମ ଥିଲା ବୋଲି ମାଛକୁଣ୍ଡ ଥାନା ଅଧିକାରୀ ଡମ୍ବୁରୁ ଭତ୍ରିଆ କହିଛନ୍ତି।

# କୋରାପୁଟରେ ବିଜେଡିର ମିଶ୍ରଣ ପର୍ବ

**ଯୋଗଦେଲେ ଶତାଧିକ କଂଗ୍ରେସ, ଭାଜପା ନେତା**

କୋରାପୁଟ,୫।୯(ଅମିତାଭ ବେହେରା)




କୋରାପୁଟସ୍ଥିତ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର ପରିସରରେ ମଙ୍ଗଳବାର ବିଜେଡିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ଜିଲା ବିଜେଡି ସଭାପତି ଝିନ ହିକକାଙ୍କ ଅଧ୍ୟକ୍ଷତାରେ ଆୟୋଜନ ହୋଇଥିବା ଏହି ମିଶ୍ରଣ ପର୍ବରେ ବୈପାରିଗୁଡା ବ୍ଲକ ଅଞ୍ଚଳରୁ ୨୬୮ ଜଣ କଂଗ୍ରେସ, ଭାଜପାର ନେତା ଓ କର୍ମୀ ବିଜେଡିରେ ଯୋଗଦେଇଛନ୍ତି। ସେମାନେ ରାଜ୍ୟ ସରକାରଙ୍କ ବିଭିନ୍ନ ବିକାଶମୂଳକ କାର୍ଯ୍ୟରେ ଆକୃଷ୍ଟ ହୋଇ ସେମାନଙ୍କ ଅଞ୍ଚଳରେ ସରକାରଙ୍କ ଏହି ବିକାଶ କାର୍ଯ୍ୟକୁ ଅଧିକ ତରାନ୍ୱିତ କରିବାକୁ ବିଜେଡିରେ ଯୋଗଦେଇଥିବା ପ୍ରକାଶ କରିଛନ୍ତି। ଏହି ମିଶ୍ରଣ ପର୍ବରେ କୋରାପୁଟ ବିଧାୟକ ରଘୁରାମ ପଡାଲ, କୋଟପାଡ଼ ବିଧାୟିକା ପଦ୍ମିନୀ ଦିଆନ, ଏସଡିସି ଅଧ୍ୟକ୍ଷ ଚନ୍ଦ୍ରଶେଖର ମାଝୀ, ଜିଲା କାର୍ଯ୍ୟକାରୀ ଜିଲା ବିଜେଡି ସଭାପତି ପ୍ରଶାନ୍ତ ଗୁପ୍ତାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଜିଲା ବିଜେଡି ସଭାପତି ହିକକା ଓ କୋରାପୁଟ ବିଧାୟକ ପଡାଲ ଦଳରେ ଯୋଗଦେଇଥିବା ନୂତନ ନେତା ଓ କର୍ମୀଙ୍କୁ ପୁଷ୍ପମାଲ୍ୟ ଦେଇ ସ୍ୱାଗତ କରିଥିଲେ। ଏହାଦ୍ୱାରା ବୈପାରିଗୁଡା ଅଞ୍ଚଳରେ ବିଜେଡିର ସ୍ଥିତି ଆହୁରି ମଜଭୁତ ହେବ ବୋଲି ବିଧାୟକ ପଡାଲ କହିଥିଲେ।

# ସମ୍ମାନିତ ହେଲେ ୨ ଅବସରପ୍ରାପ୍ତ ଶିକ୍ଷକ

**ପଞ୍ଚାୟତସ୍ତରୀୟ ଗୁରୁଦିବସ ପାଳିତ**

କୁନ୍ଦୁରା,୫।୯(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଶିକ୍ଷକ ଭବନଠାରେ ବ୍ଲକସ୍ତରୀୟ ଗୁରୁଦିବସ ପାଳିତ ହୋଇଯାଇଛି। ସଂଘ ସଭାପତି ତ୍ରିନାଥ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ଉପାଧ୍ୟକ୍ଷ ରାଧା ବିନୋଦ ସାମନ୍ତରାୟ, ମୁଖ୍ୟ ବକ୍ତା ଡ଼କ୍ଟର ରଜତ ଷଡ଼ଙ୍ଗୀ, ସମ୍ମାନିତ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ରାଜେଶ୍ୱରୀ ପରଜା, ଉପାଧ୍ୟକ୍ଷ ତରୁଣୀ ସେନ ବିଶୋୟୀ, ବିଡିଓ ବିଚିତ୍ରାନନ୍ଦ ନାୟକ, ପ୍ରାଥମିକ ଶିକ୍ଷକ ସଂଘ ଜିଲା ସଭାପତି ତ୍ରିନାଥ ହରିଜନ, ଜିଲା ପରିଷଦ ସଭ୍ୟା କନକଲତା ପେଣ୍ଟିଆ ଯୋଗ ଦେଇଥିଲେ। ରାଜ୍ୟ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ପ୍ରଦୀପ ମାଝୀ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଅତିରିକ୍ତ ଗୋଷ୍ଠୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ମାଧବ ସାରକା, ସ୍ଥାନୀୟ ସରପଞ୍ଚ ଲବ ପରଜା, ସମିତି ସଭ୍ୟ ଦାମୋଦର ଗଣ୍ଡା ଉପସ୍ଥିତ ଥିଲେ। ଏହି ଅବସରରେ ବ୍ଲକରେ ଦୀର୍ଘ ୪୦ ବର୍ଷ ଧରି ଶିକ୍ଷକତା କରି ଅବସର ଗ୍ରହଣ କରିଥିବା ନଡ଼ିଆଲପାଲି ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଭାକର ମିଶ୍ର ଏବଂ ଦୋରାଗୁଡା ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ବାସନ୍ତୀ ସାହୁଙ୍କୁ ସମ୍ମାନିତ କରାଯାଇଥିଲା। ଗୁରୁ ଯୁଗେ ଯୁଗେ ପୂଜ୍ୟ, ଗୁରୁଙ୍କ ସ୍ଥାନ ଭଗବାନଠାରୁ ଉର୍ଦ୍ଧ୍ୱରେ ବୋଲି ଅତିଥିମାନେ ପ୍ରକାଶ କରିଥିଲେ।

# ଦୃଷ୍ଟିହୀନ ଜେଜେମା'ଭରସାରେ ୩ ଅନାଥ

**ସରକାରୀ ସହାୟତା ଯୋଗାଇଦେବାକୁ ଦାବି କଲେ ଗ୍ରାମବାସୀ**

ଦଶମନ୍ତପୁର,୫।୯ (ଅରବିନ୍ଦ ନାୟକ )

୨ ବର୍ଷ ତଳେ ମା'ଛେଉଣ୍ଡ ହୋଇଥିଲେ। ବର୍ତ୍ତମାନ ବାପାଙ୍କ ମୃତ୍ୟୁ ପରେ ଏବେ ଦୃଷ୍ଟିହୀନ ଜେଜେମା'ଙ୍କ ଉପରେ ୩ଶିଶୁଙ୍କ ଦାୟିତ୍ୱ ପଡିଛି। ଏପରି ଦେଖିବାକୁ ମିଳିଛି କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ସଦର ପଞ୍ଚାୟତର ଘାସିପଦର ଗ୍ରାମରେ। ଏହି ଗ୍ରାମର ଇନ୍ଦ୍ର ଜାନୀ (୪୦)ଙ୍କ ସ୍ତ୍ରୀ ରାଧିଙ୍କ ପରେ ଜେଜେ ମା' ପାଇକିଣି ଜାନିଙ୍କ ଉପରେ ୩ ଶିଶୁଙ୍କ ଦାୟିତ୍ୱ ପଡିଛି। ବଡ଼ ଝିଅ ଶାନ୍ତି (୧୩), ମଝିଆ ଝିଅ ଯମୁନା ଓ ୮ବର୍ଷର ପୁଅ ବାବୁଲା ନିକଟସ୍ଥ ପେଡ଼ିସିଲ ବିଦ୍ୟାଳୟରେ ପଢୁଛନ୍ତି। ୨ ବର୍ଷ ତଳେ ଇନ୍ଦ୍ରଙ୍କ ସ୍ତ୍ରୀ ରାଧିଙ୍କ ଅକସ୍ମାତ ମୃତ୍ୟୁ ଘଟିଥିଲା। ୩ ଶିଶୁଙ୍କୁ ତାଙ୍କ ବୃଦ୍ଧା ଦୃଷ୍ଟିହୀନ ଜେଜେମା' ଲାଳନପାଳନ କରୁଥିଲେ। ଇନ୍ଦ୍ର ପରିବାର ଚଳାଇବାକୁ ବାହାର ରାଜ୍ୟକୁ ଯାଇ ଯାହା ରୋଜଗାର କରି ଆଣୁଥିଲେ ସେଥିରେ ଦୁଃଖକଷ୍ଟରେ ଚଳୁଥିଲେ। ଏବେ ପାଇକିଣିଙ୍କ ପୁଅ ଇନ୍ଦ୍ରଙ୍କ ମୃତ୍ୟୁ ପରେ ୩ଝିଅପୁଅ ଅନାଥ ହୋଇପଡିଛନ୍ତି। କିପରି ଏହି ୩ଶିଶୁଙ୍କୁ ବଞ୍ଚାଇବେ ସେ ଚିନ୍ତାରେ ଭାଙ୍ଗିପଡିଛନ୍ତି ପାଇକାଣି। ଏବେ ତାଙ୍କ ବୟସ ୯୦ ଟପିଲାଣି। ଯେ କୌଣସି ମୁହୂର୍ତ୍ତରେ ସେ ଆଖି ବୁଜି ଦେଲେ ଏହି ୩ ଶିଶୁଙ୍କ ଅବସ୍ଥା କ'ଣ ହେବ ସେ ଚିନ୍ତାରେ ଛଟପଟ ହେଉଛନ୍ତି ସେ। ଏବେ ଆଖିକୁ ତାଙ୍କର ଭଲ ଦେଖାଯାଉନାହିଁ। ୩ ଭଉଣୀଭାଇଙ୍କ ସୁରକ୍ଷା ନେଇ ବଡଭଉଣୀ ଶାନ୍ତି ସେମାନଙ୍କ ଦୁଃଖ ପ୍ରଶାସନକୁ ଜଣାଇଛନ୍ତି। ପ୍ରଶାସନ ସେମାନେ ଚାହିଁଲେ ୩ ଭଉଣୀଭାଇ ବଞ୍ଚିବେ ବୋଲି ଶାନ୍ତି କହିଛନ୍ତି। ଏହି ଅସହାୟ ପରିବାରକୁ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।



ଜେଜେମା'ଙ୍କ ସହ ୩ ଅନାଥ ଭାଉଣୀଭାଇ।

## ସଂକ୍ଷେପରେ

### ସାପ କାମୁଡ଼ାରେ ଛାତ୍ର ମୃତ

ଝରିଗାଁ, ୫।୯(କିଶୋର ଚନ୍ଦ୍ର ମଣ୍ଡଳ)

ସାପ କାମୁଡ଼ାରେ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଅଧୀନ କରମରି ଗ୍ରାମର ଯଦୁ ପନକାଙ୍କ ପୁଅ ଦୁର୍ଯ୍ୟୋଧନ (୧୬)। ଦୁର୍ଯ୍ୟୋଧନ କୁସୁମୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀରେ ପଢୁଥିଲେ। ସ୍କୁଲ ଶିକ୍ଷୟିତ୍ରୀ ଶିକ୍ଷକ, ନବରଙ୍ଗପୁର ଜିଲା ମାନିକପୁରୀ ପନକା ସମାଜ, ଝରିଗାଁ ବ୍ଲକ ପନକା ସମାଜ ସଦସ୍ୟମାନେ ଶୋକବ୍ୟକ୍ତ କରିଛନ୍ତି। ସୂଚନାନୁଯାୟୀ, ସୋମବାର ରାତି ପ୍ରାୟ ୧ଟାରେ ଶୋଇଥିବା ଅବସ୍ଥାରେ ଦୁର୍ଯ୍ୟୋଧନଙ୍କୁ ଏକ ବିଷାକ୍ତ ସାପ କାମୁଡ଼ି ଥିଲା। ପରିବାର ଲୋକେ ତାଙ୍କୁ ପ୍ରଥମେ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଦୁର୍ଯ୍ୟୋଧନଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେବାକୁ ଡାକ୍ତର ପରାମର୍ଶ ଦେଇଥିଲେ। ସେଠାକୁ ନେବାବେଳେ ଡାବୁଗାଁ ନିକଟରେ ଦୁର୍ଯ୍ୟୋଧନ ଅଧିକ ଅସୁସ୍ଥ ହେବାରୁ ନିକଟସ୍ଥ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଙ୍କୁ ଭର୍ତ୍ତି କରାଯାଇଥିଲା। ସେଠାରେ ପରୀକ୍ଷା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗାଁରେ ମୃତଦେହ ସତ୍କାର କରାଯାଇଛି। ଏହି ସମୟରେ ଜିଲା ମାନିକପୁରୀ ପନକା ସମାଜ ସଭାପତି ନୀଳାମ୍ବର ପନକା, ସମ୍ପାଦକ ମାନସାୟ ପନକା, ଶଙ୍କର ଦାସ ପନକା, ବ୍ଲକ ସଭାପତି ଲକ୍ଷ୍ମୀଧର ପନକା, ପିଲାବାବୁ ପନକା, ଲାବଣ୍ୟବତୀ ପନକା, ପିତମ ପନକାଙ୍କ ସହ ଶତାଧିକ ଲୋକ ଉପସ୍ଥିତ ଥିଲେ।

### ଚିତ୍ରକୋଣ୍ଡାର ବିଭିନ୍ନ ବିଦ୍ୟାଳୟରେ ଗୁରୁ ଦିବସ

ଚିତ୍ରକୋଣ୍ଡା,୫।୯(କ୍ଷୀରୋଦ ବେହେରା)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସରକାରୀ ଏସ୍ଏସ୍‌ଡି ବିଦ୍ୟାଳୟରେ ଛାତ୍ରୀଙ୍କ ଗହଣରେ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନେଇ ଗୁରୁ ଦିବସ ପାଳନ କରାଯାଇଥିଲା। ସେହିପରି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସମସ୍ତ ଭଉଣୀ ଭାଇମାନେ ପ୍ରଧାନ ଆଚାର୍ଯ୍ୟ ବାନାମ୍ବର ପ୍ରଧାନଙ୍କ ସମେତ ଗୁରୁଜୀ ସୁବାସ ମାଝି, ଭାସ୍କର ଗୁଡ଼ିଆ, ସବିତା ମହାପାତ୍ର, ସୁମତି ପାଇକରାୟ, କେ.ଭାରତୀ ରାଓ, ସରସ୍ୱତୀ ପଣ୍ଡା, ମନୋରମା ଗୁଡ଼ିଆ, ବାସନ୍ତୀ ଜାନି ଏବଂ ପ୍ରତିମା ଗୁରୁମାଙ୍କୁ ନେଇ ଗୁରୁ ଦିବସ ପାଳନ ସହ ସମ୍ମାନିତ କକରିଥିଲେ। ସେହିଭଳି ଡିଏଭି ଗୁରୁକୁଳ, ସରକାରୀ ବାଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଆଦର୍ଶ ବିଦ୍ୟାଳୟ, ଡାଏଟ୍ ବିଦ୍ୟାଳୟ, ବିଜ୍ଞାନ ମହାବିଦ୍ୟାଳୟ, ଢ଼େପସାହି, ଗୋଜିଆଗୁଡ଼ା ଓ ଟେମ୍ପରାରି କଲୋନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୁରୁ ଦିବସ ପାଳନ କରାଯାଇଥିଲା।

### ହନ୍ତାଳଗୁଡ଼ା ଘାଟିରେ ଟ୍ରାକ୍ଟର ଓଲଟି ୨ ଗୁରୁତର

ଚିତ୍ରକୋଣ୍ଡା, ୫।୯(କ୍ଷୀରୋଦ ବେହେରା)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳ ହନ୍ତାଳଗୁଡ଼ା ଘାଟିରେ ମଙ୍ଗଳବାର ଟ୍ରାକ୍ଟର ଓଲଟି ୨ଜଣ ଗୁରୁତର ହୋଇଛନ୍ତି। ସ୍ୱାଭିମାନ ଅଞ୍ଚଳ ଯୋଡ଼ାମ୍ବଠାରୁ ହନ୍ତାଳଗୁଡ଼ା ଦେଇ ଚିତ୍ରକୋଣ୍ଡା ଆସୁଥିବା ଏକ ଟ୍ରାକ୍ଟର ଘାଟିରେ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଫଳରେ ଏଥିରେ ଥିବା ଟ୍ରାକ୍ଟର ଚାଳକ ଏବଂ ଅନ୍ୟ ଜଣେ ବସିଥିବା ବ୍ୟକ୍ତି। ସେହି ବାଟ ଦେଇ ଯାଉଥିବା ଘନବେଢା ଗ୍ରାମର ଗୁରୁ ଖେମୁଡୁ ସେମାନଙ୍କୁ ଉଠାଇ ଘାଟିରେ ଥିବା ସୀମା ସୁରକ୍ଷା ବାହିନୀଙ୍କ ପାଖକୁ ନେଇଥିଲେ। ସେଠି ପ୍ରାଥମିକ ଚିକିତ୍ସା ପରେ ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି ।

# ଖୁବ୍‌ଶୀଘ୍ର ଲୋକାର୍ପିତ ହେବ ବିଜୁ ପଟ୍ଟନାୟକ ଖେଳ ଭବନ

ମାଲକାନଗିରି,୫।୯(ଦୁର୍ଯ୍ୟୋଧନ ପାତ୍ର)


ଲୋକାର୍ପିତ ହେବାକୁ ଥିବା ଖେଳ ଭବନ।

ମାଲକାନଗିରି ଜିଲା ସଦର ମହକୁମା ୩୨୬ ନଂ. ଜାତୀୟ ରାଜପଥ କଡ ଗଣେଶ ବଜାର ସିନେମା ହଲ ଛକରେ ନିର୍ମିତ ବିଜୁ ପଟ୍ଟନାୟକ ବହୁମୁଖୀ କ୍ରୀଡା ଭବନ ଲୋକାର୍ପଣ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ଜଣାପଡିଛି। ଏକଖୁବ୍ ଶୀଘ୍ର ଲୋକାର୍ପିତ ହେବା କାର୍ଯ୍ୟକ୍ରମ ରହିଛି ।

ମାଲକାନଗିରି ଜିଲା ସହ ପଡୋଶୀ ଜିଲାଗୁଡିକର କ୍ରୀଡା ପ୍ରେମୀମାନେ ଏହି ଭବନର ଲୋକାର୍ପଣକୁ ଅପେକ୍ଷା କରିଛନ୍ତି। ୫ କୋଟି ୭୩ ଲକ୍ଷ ଟଙ୍କାରେ ନିର୍ମିତ ଏହି ଭବନକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଡିସେମ୍ବର ୨୦୨୧ରେ ଭିତ୍ତିପ୍ରସ୍ତର ପ୍ରସ୍ତର ସ୍ଥାପନ କରିଥିଲେ। ଅର୍ଥ ମଞ୍ଜୁରରେ ବିଳମ୍ବ ଯୋଗୁ ଏହି କାର୍ଯ୍ୟ ୨୦୨୨ ଅଗଷ୍ଟରେ ଆରମ୍ଭ ହୋଇଥିଲା। ଏହି ଭବନର କାର୍ଯ୍ୟ ବର୍ତ୍ତମାନ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ଦେଖିବାକୁ ମିଳିଛି। ଜିଲାପାଳ ବିଶାଳ ସିଂ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ନିର୍ବାହୀ ଯନ୍ତ୍ରୀ ନୀହାର ରଞ୍ଜନ ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ ତପନ କୁମାର ମହାଲିକ ଏବଂ କନିଷ୍ଠ ଯନ୍ତ୍ରୀ ଶାନ୍ତନୁ ବେହେରାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି। ଏହି ଭବନ ଲୋକାର୍ପଣ ହେବାପରେ ଏଠାରେ ଦିବାରାତ୍ରି ଖେଳ ଯଥା ବ୍ୟାଡମିଣ୍ଟନ, ଟେବୁଲ ଟେନିସ୍, କବାଡ ଓ କ୍ୟାରମ ବୋର୍ଡ ଇତ୍ୟାଦି କ୍ରୀଡା ପ୍ରତିଯୋଗିତା ଓ ଅଭ୍ୟାସ କରାଯିବ । ଏଥିସହ ଏହି ଭବନରେ ବ୍ୟାୟାମ କକ୍ଷ ଥିବାରୁ ଏଠାରେ ବିଭିନ୍ନ ପ୍ରକାର ଅଭ୍ୟାସ କରାଯିବା ବ୍ୟବସ୍ଥା ରହିଛି। ଏହି କାର୍ଯ୍ୟକ୍ରମ ଆଗାମୀ ୧ମାସ ମଧ୍ୟରେ ସମ୍ପୂର୍ଣ୍ଣ ହେବ ବୋଲି ବିଭାଗ ସୂତ୍ରରୁ ଜଣାପଡିଛି ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗୁରୁଦିବସ


କାର୍ଯ୍ୟକ୍ରମରେ ଗୁରୁମା, ଗୁରୁଜୀ ଓ ଛାତ୍ରୀଛାତ୍ର ।

ମାଲକାନଗିର, ୫।୯(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ସଦର ମହକୁମା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମଙ୍ଗଳବାର ଗୁରୁଦିବସ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ସ୍ୱର୍ଗତ ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ ଓ ସରସ୍ୱତୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଓ ଦୀପ ପ୍ରଜ୍ୱଳନ କରିବା ସହ ବନ୍ଦନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ ପ୍ରଧାନ ଆଚାର୍ଯ୍ୟ ମନୋରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସଭାପତି ରବୀନ୍ଦ୍ର କୁମାର ମହାରଣା ଯୋଗଦେଇ ଭାଇଭଉଣୀମାନଙ୍କୁ ଆଜିର ଦିବସ ଗୁରୁ ଓ ଶିଷ୍ୟଙ୍କ ସମ୍ପର୍କ ସମ୍ବନ୍ଧରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ବେଣୁପାଣି ଖାଡଙ୍ଗାଙ୍କୁ ଅନୁଷ୍ଠାନ ତରଫରୁ ସମ୍ମାନିତ କରାଯାଇଥିଲା। ଅବସରପ୍ରାପ୍ତ ଅଧ୍ୟାପକ ସରୋଜ ଦାସ, ଅବସରପ୍ରାପ୍ତ ଶିକ୍ଷକ ଚିତ୍ରାନନ୍ଦ ରାଉତ ଯୋଗଦେଇ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ୭୦୦ରୁ ଊର୍ଦ୍ଧ୍ୱ କୁନି ଭାଇଭଉଣୀଙ୍କ ସମ୍ମିଳିତ ପ୍ରାର୍ଥନା ଏବଂ ଦୀପ ପ୍ରଜ୍ୱଳନ ବିଦ୍ୟାଳୟ ପରିସରକୁ ମୁଖରିତ କରିଥିଲା। ପ୍ରଧାନ ଆଚାର୍ଯ୍ୟ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଗୁରୁଦିବସରେ ୧୯ ଶିକ୍ଷୟିତ୍ରୀ ଶିକ୍ଷକ ସମ୍ବର୍ଦ୍ଧିତ



ସମ୍ବର୍ଦ୍ଧିତ ହୋଇଥିବା ଶିକ୍ଷୟିତ୍ରୀ ଶିକ୍ଷକ ।

ମାଲକାନଗିରି,୫।୯(ଦୁର୍ଯ୍ୟୋଧନ ପାତ୍ର)

ଗୁରୁଦିବସ ଉପଲକ୍ଷେ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ଜିଲାର କୃତିତ୍ୱ ଅର୍ଜନ କରିଥିବା ୧୯ ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଜିଲା ପ୍ରଶାସନ ତରଫରୁ ସମ୍ମାନିତ କରାଯାଇଛି। ଏହି ଉପଲକ୍ଷେ ସଦର ମହକୁମା ସଂସ୍କୃତି ଭବନ ପରିସରରେ ଆୟୋଜିତ ଜିଲାସ୍ତରୀୟ ଗୁରୁଦିବସ ସମାରୋହ ପାଳନ ଉତ୍ସବରେ ଜିଲା ଶିକ୍ଷାଧିକାରୀ ମାନସ ରଞ୍ଜନ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ବିଶାଳ ସିଂ, ଅତିରିକ୍ତ ଜିଲାପାଳ ତ୍ରିନାଥ ମାଝି, ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ରତ୍ନାକର ସାହୁ, ଜିଲା ମଙ୍ଗଳ ଅଧିକାରୀ ପ୍ରଫୁଲ୍ଲ କୁମାର ଭୁଜବଳ ଅତିଥି ଭାବେ ଅଂଶଗ୍ରହଣ କରିଥିଲେ। ସ୍ୱର୍ଗତ ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଜନ୍ମଦିନରେ ସାରା ଦେଶରେ ଏହି ଦିନଟିକୁ ଗୁରୁମାନଙ୍କ ଉଦ୍ଦେଶ୍ୟରେ ପାଳନ କରାଯାଏ। ଗୁରୁମାନେ ଈଶ୍ୱର ସହ ସମତୁଲ୍ୟ । ଲକ୍ଷ ଲକ୍ଷ ଛାତ୍ରୀଛାତ୍ରଙ୍କୁ ଭବିଷ୍ୟତ ଏବଂ ଶିକ୍ଷାର ଅଗ୍ରଗତି ଏହି ଗୁରୁଜୀ ଗୁରୁମାଙ୍କ ଉପରେ ନିର୍ଭର କରିଥାଏ । ତେଣୁ ଗୁରୁ ସମସ୍ତଙ୍କ ନିକଟରେ ପୂଜନୀୟ। ବୈଜ୍ଞାନିକ, ଶିକ୍ଷାବିତ, ରାଜନୀତିଜ୍ଞ, ଉଚ୍ଚସ୍ତରୀୟ ପଦାଧିକାରୀ ପ୍ରମୁଖଙ୍କୁ ଏହି ସ୍ଥାନରେ ପହଞ୍ଚାଇବାର ମୁଖ୍ୟ ଭୂମିକା ଗୁରୁଜୀ ଗୁରୁମାଙ୍କ ଶିକ୍ଷାଦାନ ମାଲକାନଗିରି ଭଳି ଏକ ଉପାନ୍ତ ଅଞ୍ଚଳରେ ଯଦି ଆଜି ଶିକ୍ଷାର ଅଗ୍ରଗତି ହୋଇଛି ତେବେ ତାହା ଏହି ଗୁରୁଜୀ ଗୁରୁମାଙ୍କ ଅବଦାନ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପରେ ୧୯ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଜିଲାପାଳ ସିଂ ଓ ଅତିଥିମାନେ ପ୍ରଶଂସା ପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରିଥିଲେ।

## ବିଭିନ୍ନ ଦାବି ନେଇ ଭାଜପାର ପଞ୍ଚାୟତ ଘେରାଉ

ପଡିଆ, ୫।୯(ଭାସ୍କର ରାଓ)

ଭାରତୀୟ ଜନତା ପାର୍ଟି ପକ୍ଷରୁ ବିଭିନ୍ନ ଦାବି ନେଇ ମଙ୍ଗଳବାର ଶୋଭାଯାତ୍ରା ସହ ବାପନପଲ୍ଲୀ ପଞ୍ଚାୟତ ଘେରାଉ କରାଯାଇଥିଲା। ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର ଦିଆଯାଇଥିଲା। ପଡିଆ ବ୍ଲକ ବାପନପଲ୍ଲୀ ପଞ୍ଚାୟତରେ ଶତାଧିକ ଦଳୀୟ କର୍ମୀ ଏକତ୍ର ହୋଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ଲୋକମାନଙ୍କ ପାଇଁ ଯୋଗାଇ ଦିଆଯାଉଥିବା ବିଭିନ୍ନ ଯୋଜନା ଠିକ୍‌ରେ ପହଞ୍ଚି ପାରୁନି,ପ୍ରଧାନ ମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀଙ୍କୁ ବିଳମ୍ବରେ ୱାର୍କ ଅଡର ଦିଆଯାଇଛି, ରାଜ୍ୟ ସରକାର ଜାଣି ଶୁଣି ଚାଷ ସମୟରେ ହିତାଧିକାରୀଙ୍କୁ ଘର ତିଆରି ୱାର୍କ ଅର୍ଡର ପ୍ରଦାନ କରୁଛନ୍ତ। ଫଳରେ ଚାଷୀ ବର୍ତ୍ତମାନ ସମୟରେ ଚାଷ କାର୍ଯ୍ୟ ଛାଡି ଘର କରି ପାରିବ ନାହିଁ। ଏଣୁ ସରକାରଙ୍କ ପକ୍ଷରୁ ହିତାଧିକାରୀଙ୍କୁ ୬ ମାସ ସମୟ ଦେବାକୁ ଦାବି କରିବା ସହ ମଧୁବାବୁ ପେନସନ, ବିଦ୍ୟୁତ ଉପଭୋକ୍ତାଙ୍କ ପୂର୍ବରୁ ମନମୁଖି ଭାବେ ଆସିଥିବା ବିଲ ପୈଠ ନ କଲେ ବିଦ୍ୟୁତ୍ କାଟ, ମଣ୍ଡିରେ ଚାଷୀଙ୍କଠାରୁ କୁଇଣ୍ଟାଲ ପିଛା ୫ କେଜି ଧାନ କାଟି ଦିଆଯିବା, ଜୟପୁରରୁ ରେଳ ଲାଇନ କରିବା ପାଇଁ ଜମି ଅଧିକରଣ, ୱାନ ନେଶନ ୱାନ ଇଲେକ୍ସନ,ଆୟୁଷ୍ମାନ ଯୋଜନା ଲାଗୁ କରିବା ଆଦି ଦାବି କରି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସରପଞ୍ଚଙ୍କ ଅନୁପସ୍ଥିତରେ ଗ୍ରାମ ରୋଜଗାର ସେବକ ଏଲ୍. ତ୍ରିନାଥଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ମଣ୍ଡଳ ସଭାପତି ପି.ଭେଙ୍କଟେଶ୍ୱର ରାଓ,ପୂର୍ବତନ ସରପଞ୍ଚ ନର୍ମଦା କାମରାମି, ରାମା ମାଡ଼ୀ, ଜଗା କାମରାମି ଓ ସଞ୍ଜୟ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ।

# ନଳକୂପ ମରାମତି ନ ହେଲେ ଆନ୍ଦୋଳନ ଚେତାବନୀ


ବିଡିଓ ସାହି ବାସିନ୍ଦାଙ୍କ ସହ ଆଲୋଚନା କରୁଛନ୍ତି।

ପାପଡ଼ାହାଣ୍ଡି,୫।୯(ସ୍ୱପ୍ନଜିତ ପଟ୍ଟନାୟକ)

**ନଳକୂପ ମରାମତି କରିବାକୁ ବିଡିଓଙ୍କୁ ଦାବିପତ୍ର**

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଦଳେଇଗୁଡ଼ା ତୋଟାସାହି ବାସିନ୍ଦା ଶୀଘ୍ର ନଳକୂପ ମରାମତି ନେଇ ବିଡିଓ ଦିବାକର ବାଗଙ୍କୁ ମଙ୍ଗଳବାର ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଶଶୀ ମୋହନ ଶର୍ମାଙ୍କ ନେତୃତ୍ୱରେ ସାହିର ମହିଳା ଓ ପୁରୁଷମାନେ ଏକାଠି ହୋଇ ଦାବିପତ୍ର ପ୍ରଦାନ କରିଥିବାବେଳେ ଶୀଘ୍ର ମରାମତି କରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

ସୂଚନା ମୁତାବକ ଗତ ମାସ ୩୦ରୁ ସାହିର ନଳକୂପଟି ଖରାପ ରହିଛି। ଏ ନେଇ ସାହିବାସିନ୍ଦା ବାରମ୍ବାର ବିଭାଗୀୟ କର୍ମଚାରୀମାନଙ୍କୁ ଅବଗତ କରିବା ପରେ ମଧ୍ୟ କେହି କିଛି ପଦକ୍ଷେପ ନେଉନାହାନ୍ତି। ଫଳରେ ସାହିବାସିନ୍ଦା ପାନୀୟ ଜଳ ପାଇବାରେ ବିଶେଷ ସମସ୍ୟା ଭୋଗୁଛନ୍ତି। ଯଦି ସାହିର ନଳକୂପ ଶୀଘ୍ର ମରାମତି ନ ହୁଏ ତେବେ ଆନ୍ଦୋଳନ କରାଯିବ ବୋଲି ସାହିବାସିନ୍ଦା ବିଡିଓଙ୍କୁ ଜଣାଇଛନ୍ତି। ଏହାର ତଦନ୍ତ କରି ଶୀଘ୍ର ନଳକୂପ ମରାମତି କରାଯିବ ବୋଲି ବିଡିଓ ପ୍ରତିଶ୍ରୁତି ଦେଇଛନ୍ତି।

# ମାନବାଧିକାର କ୍ଷୁଣ୍ଣ ଅଭିଯୋଗରେ ଶିକ୍ଷୟିତ୍ରୀ ନିଲମ୍ବିତ

ନବରଙ୍ଗପୁର,୫।୯(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଟିକରାପାଲା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର କାର୍ଯ୍ୟରତ ସହକାରୀ ଶିକ୍ଷୟିତ୍ରୀ ମଧୁସ୍ମିତା ବେହେରାଙ୍କୁ ଡିଇଓ ପ୍ରଦୀପ କୁମାର ନାଗ ୪ ତାରିଖ ଦିନ ଚିଠି ନମ୍ବର ୪୧୪୮ ମାଧ୍ୟମରେ ନିଲମ୍ବିତ କରିଛନ୍ତି। ଏହାସହ ଏଲ୍‌ବି ହାଇସ୍କୁଲ ପାପଡାହାଣ୍ଡିରେ ପ୍ରତିଦିନ ଉପସ୍ଥାପନ ଦେବାକୁ ନିର୍ଦ୍ଦେଶ ଜାରି କରାଯାଇଛି। ଶିକ୍ଷୟତ୍ରୀ ମଧୁସ୍ମିତା ବେହେରାଙ୍କ ବିରୋଧରେ ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟାସଭ୍ୟ ଓ ଗ୍ରାମବାସୀ ଦୁର୍ବ୍ୟବହାର ଅଭିଯୋଗ ଆଣିଥିଲେ।

ଶିକ୍ଷୟିତ୍ରୀ ମଧୁସ୍ମିତା ଉକ୍ତ ବିଦ୍ୟାଳୟରେ ଦୀର୍ଘ ୧୨ ବର୍ଷ ଧରି କାର୍ଯ୍ୟ କରି ଆସୁଥିଲେ। ୨୧ ତାରିଖରେ ବିଦ୍ୟାଳୟର ୧୦ମ ଶ୍ରେଣୀର ଛାତ୍ରୀ ନିକିତା ଧାଙ୍ଗଡା ମାଝିଙ୍କୁ ଆକ୍ରୋଶମୂଳକଭାବେ ଶ୍ରେଣୀରୁ ବାହାର କରି ଲାଇବ୍ରେରୀ ରୁମକୁ ଶିକ୍ଷୟିତ୍ରୀ ପଠାଇ ଦେଇଥିଲେ। ପରେ ମଧ୍ୟ ଶ୍ରେଣୀ ଗୃହରେ ପ୍ରବେଶ କରାଇ ନ ଦେବାରୁ ଛାତ୍ରୀ ଜଣକ ବାଧ୍ୟ ହୋଇ ଘରକୁ ଫେରି ଆସିଥିଲେ। ଆଉ ସ୍କୁଲକୁ ଯିବେନାହିଁ ବୋଲି ଅଭିଭାବକଙ୍କୁ ଜଣାଇ ଥିଲେ। ଅଭିଯୋଗ ଅନୁଯାଇ ଏଭଳି ଅନେକ ଛାତ୍ରୀଛାତ୍ର ବିଦ୍ୟାଳୟ ନ ଯାଇ ଘରେ ରହୁଥିଲେ। ବିଦ୍ୟାଳୟ କମିଟି, ଅଭିଭାବକମାନେ ଏହିଭଳି ଘଟଣାକୁ ନେଇ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ ପଚାରିଲେ ସେ କଟୁ ଶବ୍ଦ ସହ ଅପମାନିତ କରୁଛନ୍ତି ବୋଲି ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଥିଲା। ଶିକ୍ଷୟିତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରାଗଲେ ଗ୍ରାମବାସୀ ଅନସନରେ ବସିବେ ବୋଲି ଚେତାବନୀ ଦେଇଥିଲେ। ଏ ନେଇ ଏସ୍‌ଫୁଜେ ରାଜ୍ୟ ସମ୍ପାଦକ ବିଭୁତି ପ୍ରସାଦ ପଣ୍ଡା ନବରଙ୍ଗପୁର ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଥିଲେଯେ, ଟିକରାପାଲା ହାଇସ୍କୁଲରେ ପଢୁଥିବା ଛାତ୍ରୀଙ୍କୁ ଶିକ୍ଷାରୁ ବଞ୍ଚିତ କରାଯାଇଛି। ଛାତ୍ରୀଙ୍କ ପ୍ରତି ଏଭଳି ବ୍ୟବହାର ମାନବାଧିକାର ଆଇନକୁ କ୍ଷୁର୍ଣ୍ଣ କରୁଛି। ଏହାର ତଦନ୍ତ କରାଯାଉ ବୋଲି ସେ ଅନୁରୋଧ କରିଥିଲେ। ଏହାପରେ ଏଡିଇଓ ରେଶମ ଲାଲ ନାୟକ, ବିଶ୍ୱନାଥ ସାହୁ ଘଟଣାର ତଦନ୍ତ କରି ଡିଇଓଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ରିପୋର୍ଟ ଆଧାରରେ ଡିଇଓ ଶିକ୍ଷୟିତ୍ରୀ ବେହେରାଙ୍କୁ ନିଲମ୍ବିତ କରିଛନ୍ତି।

# ଗୁରୁଦିବସରେ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା



ଜଣେ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ପାପଡ଼ାହାଣ୍ଡି,୫।୯(ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଦଳେଇଗୁଡ଼ାସ୍ଥିତ ଲାଲ ବାହାଦୂର ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ଗୁରୁ ଦିବସ ଓ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ପାପଡ଼ାହାଣ୍ଡି ଶାଖା ପକ୍ଷରୁ ଆୟୋଜିତ ଏହି ସମାରୋହରେ ପାପଡ଼ାହାଣ୍ଡି ବିଇଓ ସୌମେନ୍ଦ୍ର ଭୌମିକ ମୁଖ୍ୟଅତିଥି, ସମ୍ମାନୀତ ଅତିଥିଭାବେ ଏବିଇଓ ପୂର୍ଣ୍ଣଚନ୍ଦ୍ର ପୂଜାରୀ, ବାଲକଦାସ ରନ୍ଧାରୀ ଏବଂ ସୁଦର୍ଶନ ନାୟକ ତଥା ବରିଷ୍ଠ ଅଧିକାରୀ ରଞ୍ଜିତ କୁମାର ଷଡ଼ଙ୍ଗୀ ଉପସ୍ଥିତ ଥିଲେ। ଶତାଧିକ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଉପସ୍ଥିତିରେ ଗୁରୁ ପୂଜନ କରାଯାଇ ସରକାରୀ ସେବାରୁ ନିବୃତ୍ତ ହୋଇଥିବା ୯ଜଣ ଶିକ୍ଷକ ହରିହର ଦାଶ, ମାଧବୀ ପରିଚ୍ଛା, ଦୁର୍ଦ୍ଦଣ୍ଡ ବିଶୋୟୀ, ଲକ୍ଷ୍ମୀଧର ମାଝି, ପ୍ରଫୁଲ୍ଲ ପ୍ରଧାନ, ଜଗନ୍ନାଥ ମଲ୍ଲିକ, ନୃସିଂହ ପ୍ରସାଦ ପାଢୀ, ଖଗପତି ଦିଶାରୀ, ପ୍ରତିଭା କୁମାରୀଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ସୁଦର୍ଶନ ମାଝିଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ସଂଘ ସମ୍ପାଦକ ରତିକାନ୍ତ ପଣ୍ଡା ସଞ୍ଚାଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଗନ୍ନାଥ ମାଝି, ଗୋବର୍ଦ୍ଧନ ନାୟକ, ଦୈତାରୀ ପୂଜାରୀ, ଦେବାର୍ଚ୍ଚନ ପାଣ୍ଡିଆ, ଦେବ ମାଝି, ପ୍ରଶାନ୍ତ ପଣ୍ଡା, ବଳରାମ ମାଝି, ଶୁକମନ ଦିଶାରୀ , ଅନନ୍ତ ରାଓ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ପ୍ରଶାନ୍ତ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ମୁଁ ବି ମିତାରେ ଛାତ୍ରୀଛାତ୍ରଙ୍କୁ ଭୋଟଦାନରେ ଅଂଶଗ୍ରହଣ କାର୍ଯ୍ୟକ୍ରମ

ମାଲକାନଗିରି,୫।୯(ଦୁର୍ଯ୍ୟୋଧନ ପାତ୍ର)


ଅଧିକାରୀ ଓ ଛାତ୍ରୀଛାତ୍ର ଶପଥ ନେଉଛନ୍ତି ।

ମାଲକାନଗିରି ଜିଲା ସଦର ମହକୁମା ଡିଆରଡିଏ ସମ୍ମିଳନୀ କକ୍ଷରେ ଜିଲାପାଳ ବିଶାଳ ସିଂଙ୍କ ଅଧ୍ୟକ୍ଷତାରେ ମୁ ବି ମିତା ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କୁ ଭୋଟ ଦାନରେ ଅଂଶଗ୍ରହଣ କରି ଗଣତନ୍ତ୍ରକୁ ସୁଦୃଢ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା। ଏହାକୁ ଉପଜିଲାପାଳ ଡ.ଅକ୍ଷୟ କୁମାର ଖେମୁଣ୍ଡୁ ସଂଯୋଜନା କରିଥିବା ବେଳେ ଅତିରିକ୍ତ ଜିଲାପାଳ ବେଦବର ପ୍ରଧାନ, ସହକାରୀ ଜିଲାପାଳ କେ. ଅଶୋକ ଚକ୍ରବର୍ତ୍ତୀ ଓ ବିଡିଓ ପ୍ରଭାତି ଝଡିଆ ଅଂଶଗ୍ରହଣ କରିଥିଲେ । ଜିଲାର ସମସ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷ ଏବଂ ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ମଞ୍ଚାସୀନ ପଦାଧିକାରୀମାନେ ମୁଁ ବି ମିତା ଅଭିଯାନରେ ସମସ୍ତ ୧୭ ବର୍ଷରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରୀ ଅଂଶଗ୍ରହଣ କରି ଭାରତର ଗଣତନ୍ତ୍ରକୁ ସୁଦୃଢ କରିବାରେ ଉପଯୁକ୍ତ ଜନ ପ୍ରତିନିଧି ଚୟନ କରିବାରେ ଅଂଶଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ମାଲକାନଗିରି ଜିଲାରେ ଯେପରି ଆଗାମୀ ନିର୍ବାଚନରେ ଶତ ପ୍ରତିଶତ ମତଦାନ ହେବ ସେଥିପା। ୧୮ ବର୍ଷରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ନିଜେ ମତଦାନ କରିବା ସହ ଅନ୍ୟମାନଙ୍କୁ ମତଦାନ କରିବା ପାଇଁ ସଚେତନ କରିବେ। ପରେ ଜିଲାର ୧୧ କଲେଜର ମୁଁ ବି ମିତା ୧୩ ଜଣ ଛାତ୍ରୀ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପ୍ରେରିତ ବ୍ୟାଚ ଏବଂ କ୍ୟାପ୍ ଗ୍ରହଣ କରିଥିଲେ। ଉପଜିଲାପାଳ ଡ.ଖେମୁଣ୍ଡୁ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। ବିଡିଓ ଝଡିଆ ଧନ୍ୟବାଦ ଅର୍ପଣ କରିଥିଲେ।

# ଭାରତୀୟ ଗୁରୁ-ଶିଷ୍ୟ ପରମ୍ପରା ଅନନ୍ୟ

**ଡାବୁଗାଁ ସମନ୍ୱିତ ଶିକ୍ଷକ ସଂଘର ଗୁରୁଦିବସ**

ଡାବୁଗାଁ, ୫।୯ (ପ୍ରଜ୍ଞାରଞ୍ଜନ ପରିଡ଼ା)



ଗୁରୁଦିବସ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଅତିଥି ଓ ଶିକ୍ଷକ ସଂଘ ସଦସ୍ୟମାନେ।

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷରେ ଡାବୁଗାଁ ବ୍ଲକ ସମନ୍ୱିତ ଶିକ୍ଷକ ସଂଘ ପକ୍ଷରୁ ଗୁରୁଦିବସ ଏବିଇଓ ତଥା ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ଭଗବାନ ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପ୍ରଥମେ ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଶିକ୍ଷୟିତ୍ରୀ ସୁଜ୍ଞାନୀ ବେହେରା ଓ ଶିକ୍ଷକ ଦୟାନିଧି ବଞ୍ଚରା ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଏବିଇଓ ସନ୍ତୋଷ କୁମାର ସାହୁ ମୁଖ୍ୟ ଅତିଥି, ସମ୍ମାନିତ ଅତିଥିଭାବେ ଏବିଇଓ ଦେବରାଜ ଗୋପାଳ ଯୋଗଦେଇ ଗୁରୁ-ଶିଷ୍ୟ ପରମ୍ପରା ଅନନ୍ୟ ବୋଲି କହିଥିଲେ। ଶେଷରେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ବିଦ୍ୟୁତ୍ ସବିତା ଦାସ, ଦୀପ୍ତିମୟୀ ମହନ୍ତ, ଦୁର୍ଗାବାଈ ସାହୁ ଓ ପ୍ରତିଭା ପାଣିଗ୍ରାହୀ, ଶିକ୍ଷକ କୈଳାସ ଚନ୍ଦ୍ର ଲେଙ୍କା, ଚୈତନ୍ୟ ଦାଶ, ଉପେନ୍ଦ୍ର ପାଣିଗ୍ରାହୀ, ଏ. ବାଲରାଜୁ, ରବୀନ୍ଦ୍ରନାଥ ମାନସିଂ, ହରେନ୍ଦ୍ର ନାଥ ଜେନା, ଅଲେଖ ନାୟକ, ପଦ୍ମନାଭ ମାଝିଙ୍କୁ ଅତିଥି ଉପଢୌକନ, ମାନପତ୍ର ଓ ଉପହାର ଦେଇ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ କୃଷ୍ଣଚନ୍ଦ୍ର ପଣ୍ଡା, ବିକାଶ ରଞ୍ଜନ ନିଶଙ୍କ, ଧନସିଂ ତନ୍ତୀ, ହରେକୃଷ୍ଣ ବାଡ଼ତ୍ୟା, ସୁରେଶ ଚନ୍ଦ୍ର ବେହେରା, ରାଇସିଂ ପୂଜାରୀ, ରତିକାନ୍ତ ନାୟକ, ହେମନ୍ତ ପଣ୍ଡା, ଭି. ଜଗନ୍ନାଥ ରାଓ, ବିଶ୍ୱକେଶ ତ୍ରିପାଠୀ, ଶିକ୍ଷୟିତ୍ରୀ ବନଲତା ମହାନ୍ତି, ପ୍ରତିମା ମାଝି, ଗିରିଶବାଳା ଜେନାଙ୍କ ସମେତ ବହୁ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

# ଗରିବ ଶ୍ରମିକଙ୍କ ପାଇଁ ସହାୟତା ବରଦାନ ସଦୃଶ

ତେନ୍ତୁଳିଖୁଣ୍ଟି, ୫।୯(ଚିଦାନନ୍ଦ ସାହୁ)

**ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ସହାୟତା ବଣ୍ଟନ**

ନବରଙ୍ଗପୁର ଜିଲା ଶ୍ରମ କାର୍ଯ୍ୟାଳୟ ତଥା ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ପକ୍ଷରୁ ତେନ୍ତୁଳିଖୁଣ୍ଟି ବ୍ଲକ ସମ୍ମିଳନୀ ଗୃହରେ ତେନ୍ତୁଳିଖୁଣ୍ଟି ଓ ନନ୍ଦାହାଣ୍ଡି ବ୍ଲକର ପଞ୍ଜୀକୃତ ଶ୍ରମିକଙ୍କୁ ବିଭିନ୍ନ ସହାୟତା ପ୍ରଦାନ କରାଯାଇଛି। ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ମୁଖ୍ୟ ଅତିଥି, ତେନ୍ତୁଳିଖୁଣ୍ଟି ପଞ୍ଚାୟତ ସମିତି ଅଧ୍ୟକ୍ଷା ନୀଳାଦ୍ରି ନାୟକ, ବିଡିଓ ମନୋଜ କୁମାର ପାଣିଗ୍ରାହୀ, ବ୍ଲକ ଉପାଧ୍ୟକ୍ଷ ରାଜେନ୍ଦ୍ର ବିଷୋୟୀ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ନବରଙ୍ଗପୁର ଜିଲା ଶ୍ରମ କାର୍ଯ୍ୟାଳୟ ଆନୁକୂଲ୍ୟରେ ଅନୁଷ୍ଠିତ ବୈଠକରେ ଜିଲା ଲେବର କମିଶନର କୁବେର ବେହେରା, ଜିଲା ଶ୍ରମାଧିକାରୀ ରଞ୍ଜନ କିଶୋର ବେହେରା, ସହକାରୀ ଜିଲା ଶ୍ରମାଧିକାରୀ ଛୋଟରାୟ ଗୁଡୁ, ପଦ୍ମଚରଣ ପଣ୍ଡା, କଲ୍ୟାଣ ସମନ୍ୱୟକାରୀ ମଦନ କୁମାର, ଡାଟା ଅପରେଟର ପ୍ରେମଲାଲ ସାହୁଙ୍କ ସମେତ ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ। ୩୪ ଜଣଙ୍କୁ ମୃତ୍ୟୁକାଳୀନ, ୧୩୪ ଜଣଙ୍କୁ ବିବାହ ସହାୟତା, ୩୬ ଜଣଙ୍କୁ ପ୍ରସବକାଳୀନ, ୩୬୫ ଜଣଙ୍କୁ ଶିକ୍ଷା ସହାୟତା ପ୍ରଦାନ କରାଯାଇଛି। ନବରଙ୍ଗପୁର ଜିଲାରେ କିଭଳି ଅଧିକରୁ ଅଧିକ ଲୋକ ଏହି ଯୋଜନାରେ ସାମିଲ ହେବେ ସେଥିପ୍ରତି ଦୃଷ୍ଟିଦେବାକୁ ତେନ୍ତୁଳିଖୁଣ୍ଟି ବିଡିଓ ଅନୁରୋଧ କରିଥିଲେ। ଏହି ଯୋଜନା ଗରିବ ଶ୍ରମିକଙ୍କ ପାଇଁ ବରଦାନ ସଦୃଶ ବୋଲି ବିଧାୟକ ପ୍ରଧାନୀ ମତ ଦେଇଥିଲେ। ଏଥିରେ ସମସ୍ତ ଶ୍ରମିକ ସଂଗଠନ କର୍ମକର୍ତ୍ତା ଓ ତେନ୍ତୁଳିଖୁଣ୍ଟି ଏବଂ ନନ୍ଦାହାଣ୍ଡି ବ୍ଲକ ନିର୍ମାଣ ଶ୍ରମିକମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଜିଲା ଶ୍ରମାଧିକାରୀ ବେହେରା ପରିଚାଳନା କରିଥିଲେ। ନିର୍ମାଣ ଶ୍ରମିକମାନଙ୍କୁ ମିଳୁଥିବା ସହାୟତାରେ ମଧ୍ୟସ୍ଥଙ୍କ ରାଜ ଚାଲୁଥିବା ଅଭିଯୋଗ ହେଉଛି। ବିନା ମଧ୍ୟସ୍ଥରେ ଆବେଦନକାରୀଙ୍କୁ ସହାୟତାରେ ବିଳମ୍ବ କିମ୍ବା ମିଳୁ ନ ଥିବା ଅଭିଯୋଗ ହେଉଛି। ମଧ୍ୟସ୍ଥ ରାଜ ବନ୍ଦ ପାଇଁ ମତ ପ୍ରକାଶ ପାଇଛି।



ବୈଠକରେ ମଞ୍ଚାସୀନ ଅତିଥିମାନେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୬ ସେପ୍ଟେମ୍ବର, ୨୦୨୩

**ବିଜ୍ଞାନ କଲେଜରେ ୫-ଟି କାର୍ଯ୍ୟର ସମୀକ୍ଷାକଲେ ବିଡିଓ**

ଗୁଡ଼ାରି,୫।୯(ପ୍ରମୋଦ କୁମାର ପତି)-ଗୁଡ଼ାରି ବିଜ୍ଞାନ(କନିଷ୍ଠ)ମହାବିଦ୍ୟାଳୟ ପରିସରରେ ଚାଲିଥିବା ୫-ଟି ରୂପାନ୍ତରୀକରଣ ନିର୍ମାଣାଧୀନ କାର୍ଯ୍ୟର ସ୍ଥିତି ସମୀକ୍ଷା କରିଛନ୍ତି ବିଡିଓ ଅନିଶା ଦାସ। ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା ଯୋଜନାରେ ୨୫ଲକ୍ଷ ଟଙ୍କା ବିନିମୟରେ ଏହି କନିଷ୍ଠ ମହାବିଦ୍ୟାଳୟ ପରିସରରେ ଦୁଇଟି ସ୍ମାର୍ଟ କ୍ଲାସ ରୁମ, ଗୋଟିଏ ଇ-ଲାଇବ୍ରେରୀ ଏବଂ ଗୋଟିଏ ଅତ୍ୟାଧୁନିକ ବିଜ୍ଞାନାଗାର ନିର୍ମାଣ ହେବ ବୋଲି ବିଡିଓ ସୂଚନା ଦେଇଛନ୍ତି। ମଙ୍ଗଳବାର ବିଡିଓ ଦାସଙ୍କ ନିର୍ମାଣାଧୀନ କାର୍ଯ୍ୟର ସ୍ଥିତି ଅନୁଧ୍ୟାନ ସମୟରେ ଯନ୍ତ୍ରୀ ପି. ମୋହନ ରାଓ ପାତ୍ର ଓ ମହାବିଦ୍ୟାଳୟର ଅଧ୍ୟକ୍ଷ ଜଳନ୍ଧର ଗୌଡ଼ ଉପସ୍ଥିତ ଥିଲେ। ଅଞ୍ଚଳର ଏକମାତ୍ର କନିଷ୍ଠ ମହାବିଦ୍ୟାଳୟରେ ୫-ଟି କାର୍ଯ୍ୟ ସମାପ୍ତ ହେଲେ ଛାତ୍ରୀଛାତ୍ର ଉପକୃତ ହେବେ ବୋଲି ପୁରାତନ ଛାତ୍ରମାନେ ମତ ପ୍ରକାଶ କରିଛନ୍ତି।



# ବଢୁଛି ଅମଲାଭଟ୍ଟା କୁମ୍ଭକାରଙ୍କ ମୂର୍ତ୍ତିର ଚାହିଦା

- ମାଟି ମୂର୍ତ୍ତିରେ କାରିଗର ଭରି ଦିଅନ୍ତି ଜୀବନ୍ୟାସ
- ପଡ଼ୋଶୀ ଜିଲା ସହ ଆନ୍ଧ୍ର ଲୋକେ ମୂର୍ତ୍ତି ତିଆରି ପାଇଁ ଦିଅନ୍ତି ବରାଦ
- କୁମ୍ଭକାରଙ୍କୁ ସରକାରୀ ସହାୟତା, ଆଧୁନିକ ତାଲିମ ଯୋଗାଇଦେବାକୁ ଦାବି

ରାୟଗଡ଼ା,୫।୯(ଆଶିଷ ରଞ୍ଜନ ପଣ୍ଡା)

ଆସୁଛି ପାର୍ବଣ ଋତୁ। ଏଥିପାଇଁ ଚଳଚଞ୍ଚଳ କୁମ୍ଭକାର ପରିବାର। ବିଘ୍ନହର୍ତ୍ତା, ବିଦ୍ୟାଦାତା ଗଣେଶଙ୍କ ପୂଜାକୁ ଆଉ ମାତ୍ର ୧୪ ଦିନ ବାକି ଥିବାରୁ ମୂର୍ତ୍ତି ତିଆରିରେ ବ୍ୟସ୍ତ କାରିଗର। ସହରର ବିଭିନ୍ନ ସ୍ଥାନରେ ବର୍ତ୍ତମାନ ଭିନ୍ନ ଭିନ୍ନ ରଙ୍ଗ ଓ ରକମର ଗଣେଶ ମୂର୍ତ୍ତି ବିକ୍ରି ଆରମ୍ଭ ହୋଇଗଲାଣି। ବିଭିନ୍ନ ଡିଜାଇନର ମାଟି ମୂର୍ତ୍ତି ତିଆରି କରିବାରେ ରାୟଗଡ଼ା ସଦର ବ୍ଲକ ମହକୁମାଠାରୁ ମାତ୍ର ୧୨ କିମି ଦୂରରେ ଅବସ୍ଥିତ ଅମଲାଭଟ୍ଟା ଗ୍ରାମର ସ୍ୱତନ୍ତ୍ର ପରିଚୟ ରହିଛି। ବିଭିନ୍ନ ଦେବଦେବୀଙ୍କ ପୂଜା ସମୟରେ ଅମଲାଭଟ୍ଟା କୁମ୍ଭକାରଙ୍କ ଦ୍ୱାରା ତିଆରି ହେଉଥିବା ମୂର୍ତ୍ତିର ବେଶ୍ ଚାହିଦା ରହିଛି । ଗାଁରେ ପ୍ରାୟ ୪୦୦ରୁ ଊର୍ଦ୍ଧ୍ୱ କୁମ୍ଭକାର ପରିବାର ବସବାସ କରୁଥିବାବେଳେ ସେମାନେ ବିଭିନ୍ନ ପ୍ରକାର ମାଟି ତିଆରି ସାମଗ୍ରୀ ତିଆରି କରି ବିକ୍ରି କରିଥାନ୍ତି । ଗଣେଶ ପୂଜା ସମୟରେ ଏଠାରେ ପ୍ରାୟ ୧ ହଜାରରୁ ଊର୍ଦ୍ଧ୍ୱ ଗଣେଶ ମୂର୍ତ୍ତି ତିଆରି କରାଯାଇ ବିକ୍ରି କରାଯାଏ। ଉକ୍ତ ମୂର୍ତ୍ତିଗୁଡ଼ିକରେ ନିଖୁଣ କାରୁକାର୍ଯ୍ୟ ରହିଥିବା ସହ ପ୍ରତିଟି ମୂର୍ତ୍ତିରେ କାରିଗରଙ୍କ ସୃଜନଶୀଳତା ଫୁଟି ଉଠିଥାଏ । ଗଣେଶ ମୂର୍ତ୍ତିଗୁଡ଼ିକ ଦେଖିଲେ ଲାଗେ ସତେ ଯେପରି ଭଗବାନ ଗଣେଶ ଜୀବନ୍ୟାସ ପାଇଯାଇଛନ୍ତି । ତେଣୁ ଗଣେଶ ପୂଜା ଆସିଲେ ରାୟଗଡ଼ା ସମେତ ପଡ଼ୋଶୀ ଗଜପତି, କୋରାପୁଟ, କଳାହାଣ୍ଡି ଜିଲା ଏବଂ ପଡ଼ୋଶୀ ଆନ୍ଧ୍ରପ୍ରଦେଶର ଲୋକେ ମଧ୍ୟ ଏଠାକୁ ଆସି ମୂର୍ତ୍ତି ବରାଦ କରିଥାନ୍ତି। ହେଲେ ଏବେ କଞ୍ଚାମାଲର ଅଭାବ କାରଣରୁ ସେତେଟା ଆଉ ମାଟି ତିଆରି ଜିନିଷ ନିର୍ମାଣ କରିପାରୁ ନ ଥିବା ଗାଁ ଲୋକେ କହିଛନ୍ତି । ତେବେ ସମୟ କ୍ରମେ ସେମାନଙ୍କୁ ଆଧୁନିକ ଟେକ୍ନୋଲୋଜିର ବ୍ୟବହାର ପାଇଁ କୌଣସି ସରକାରୀ ପ୍ରୋତ୍ସାହନ ଓ ତାଲିମ ମିଳୁ ନ ଥିବା ବେଳେ ମୂର୍ତ୍ତି ନିର୍ମାଣରେ ଅଧିକା ଖର୍ଚ୍ଚାନ୍ତ ହେଉଥିବା କୁମ୍ଭକାରମାନେ କହିଛନ୍ତି।

ସେହିପରି ରାୟଗଡ଼ା ସହର ନିବାସୀ ତ୍ରିପତି ରାଓ ଆନ୍ଧ୍ରପ୍ରଦେଶ ରାଜ୍ୟରୁ ମୂର୍ତ୍ତି କିଣି ଗଜପତି ଛକ ନିକଟରେ ବିକ୍ରି କରୁଛନ୍ତି। ଆଜକୁ ପ୍ରାୟ ୪୦ ବର୍ଷ ହେଲାଣି ସେ ଗଣେଶ ପୂଜା ସମୟରେ ଛୋଟ ବଡ଼ ଭିନ୍ନ ଭିନ୍ନ ରଙ୍ଗ ଓ ଚିତ୍ତାକର୍ଷକ ଆକୃତିର ଗଣେଶ ମୂର୍ତ୍ତି ବିକ୍ରି କରନ୍ତି। କେଉଁ ବର୍ଷ ସବୁ ବିକ୍ରି ହେଲେ ଭଲ ଆୟ ହୋଇଥାଏ ତ ଆଉ କେବେ କମ୍ ସଂଖ୍ୟାରେ ବିକ୍ରି ହୋଇ ବଳକା ରହିଯିବାରୁ ତାଙ୍କୁ କ୍ଷତି ସହିବାକୁ ପଡ଼ିଥାଏ । ତ୍ରିପତିଙ୍କ କହିବାନୁସାରେ ସେ ମୂର୍ତ୍ତି ବ୍ୟବସାୟ ପାଇଁ ପ୍ରାୟ ୧ଲକ୍ଷ ଟଙ୍କା ବିନିଯୋଗ କରିଛନ୍ତି । ସମସ୍ତ ମୂର୍ତ୍ତି ବିକ୍ରି ହେଲେ ସେ ପ୍ରାୟ ୨୦ରୁ ୨୫ ହଜାର ଟଙ୍କା ଲାଭ ପାଇବେ । ପ୍ରତି ବର୍ଷ ଛୋଟ ବଡ଼ ମିଶାଇ ୩୦ରୁ ଊର୍ଦ୍ଧ୍ୱ ମୂର୍ତ୍ତି ବିକ୍ରି ହେଉଥିବା ତ୍ରିପତି କହିଛନ୍ତି । ସେହିପରି ରାୟଗଡ଼ା ସହର ମୁଖ୍ୟ ସଡ଼କ ପଥ ଦେଇ ଯାଇଥିବା ଫ୍ଲାଏ ଓଭର ତଳେ କେନ୍ଦ୍ରାପଡ଼ା ଜିଲାର ଜଣେ ବ୍ୟବସାୟୀ ସର୍ବେଶ୍ୱର ବେହେରା ନିଜେ ମୂର୍ତ୍ତି ନିର୍ମାଣ କରି ବିକ୍ରି କରୁଛନ୍ତି। ସେ ରୋଜଗାର ଆଶାରେ ଆଜକୁ ପ୍ରାୟ ୩୫ ବର୍ଷ ତଳେ ରାୟଗଡ଼ାକୁ ଆସିଥିଲେ। ଏଠାରେ ସେ ବିଭିନ୍ନ ପୂଜା ସମୟରେ ମାଟିରେ ମୂର୍ତ୍ତି ନିର୍ମାଣ କରି ବିକ୍ରି କରିଥାନ୍ତି। ଏହା ତାଙ୍କର ପେସା ଓ ନିଶା ବୋଲି ସର୍ବେଶ୍ୱର କହିଛନ୍ତି। ବର୍ତ୍ତମାନ ଗଣେଶ ପୂଜା ପାଖେଇ ଆସୁଥିବା ବେଳେ ବିଶ୍ୱକର୍ମା ପୂଜା ମଧ୍ୟ ରହିଛି। ଏଥିପାଇଁ ସେ ବିଶ୍ୱକର୍ମା ଓ ଗଣେଶ ମୂର୍ତ୍ତି ନିର୍ମାଣରେ ଲାଗି ପଡ଼ିଛନ୍ତି। ସେ ନିଜେ ରୋଜଗାରକ୍ଷମ ହେବା ସହ ତାଙ୍କ ନିକଟରେ ୩ରୁ ୪ ଜଣ କାରିଗରଙ୍କୁ କାର୍ଯ୍ୟରେ ନିୟୋଜିତ କରିଛନ୍ତି। ତାଙ୍କ କହିବାନୁସାରେ ସେ ଯଦି ୫୦ ହଜାର ଟଙ୍କା ବିନିଯୋଗ କରିବେ ତେବେ ସମସ୍ତ ମୂର୍ତ୍ତି ବିକ୍ରି ହୋଇଗଲେ ପାଖାପାଖି ୨୫ ହଜାର ଟଙ୍କା ଲାଭ ପାଇବେ। ଏଥିସହ ସେ କାରିଗରଙ୍କୁ ମଧ୍ୟ ସେମାନଙ୍କ ପାରିଶ୍ରମିକ ସୁବିଧାରେ ଦେଇପାରିବେ । ସର୍ବେଶ୍ୱର ପ୍ରତି ବର୍ଷ ଗଣେଶ ପୂଜାରେ ପ୍ରାୟ ୩୦ରୁ ୪୦ ମୂର୍ତ୍ତି ବିକ୍ରି କରୁଥିବା କହିଛନ୍ତି ।



ବିଶ୍ୱକର୍ମା ମୂର୍ତ୍ତିକୁ ନିଖୁଣ ଭାବେ ରଙ୍ଗ ଭରୁଛନ୍ତି ସର୍ବେଶ୍ୱର ବେହେରା।

## ବରିଷ୍ଠ ନାଗରିକଙ୍କ ଲାଗି ଫିଜିଓଥେରାପି ସେଣ୍ଟର ଉଦ୍‌ଘାଟିତ



ରାୟଗଡା,୫।୯(ଭାଗ୍ୟଶ୍ରୀ ମିଶ୍ର)

ଜିଲାର ବରିଷ୍ଠ ନାଗରିକଙ୍କ ପାଇଁ ଏକ ଫିଜିଓଥେରାପି କେନ୍ଦ୍ର ରାୟଗଡା ଜିଲା ସଦର ମହକୁମାଠାରେ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି । ରାୟଗଡ଼ା ଅତିରିକ୍ତ ଜିଲାପାଳ ଭାସ୍କର ରୟତୋ, ଅତିରିକ୍ତ ଜିଲାପାଳ ରାମେଶ୍ୱର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଫିଜିଓଥେରାପି କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ରାୟଗଡା ମହିଳା କଲେଜ ନିକଟ ଗୌତମ ନଗରରେ ପ୍ରତିଷ୍ଠିତ ଏହି କେନ୍ଦ୍ରକୁ ଫିଜିଓଥେରାପି ପାଇଁ ଆସୁଥିବା ସମସ୍ତ ବରିଷ୍ଠ ନାଗରିକଙ୍କୁ ନିଃଶୁଳ୍କ ସେବା ଯୋଗାଇ ଦିଆଯିବ ବୋଲି ଅତିରିକ୍ତ ଜିଲାପାଳ କହିଛନ୍ତି। ସାମାଜିକ ସୁରକ୍ଷା ବିଭାଗ, ଓଡିଶା ସରକାରର ସହାୟତାରେ, ଏହି କେନ୍ଦ୍ର ହେଲ୍ପଏଜ ଇଣ୍ଡିଆ ଦ୍ୱାରା ପରିଚାଳିତ ହେବ । ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଡିଏସଏସଓ ଇନଚାର୍ଜ ଶ୍ରୀକାନ୍ତ ପାଣିଗ୍ରାହୀ ଏବଂ ଜିଲା ବରିଷ୍ଠ ନାଗରିକ ସଂଘ ସଭାପତି ବିନୋଦ ପଣ୍ଡା, ହେଲ୍ପଏଜ୍ ଇଣ୍ଡିଆର ରାଜ୍ୟ ମୁଖ୍ୟ ଭାରତୀ ଚକ୍ର ଓ ସିନିୟର ପ୍ରୋଗ୍ରାମ ମ୍ୟାନେଜର ରଣଜୟ ଦାସ ଉପସ୍ଥିତ ଥିଲେ। ଡ. ଗଙ୍ଗାଧର ସାହୁ ଏହି କେନ୍ଦ୍ରରେ ରହିବେ ବୋଲି ଜଣାପଡିଛି।

## ଜମି ଚିହ୍ନଟ ସମୟରେ ଉତ୍ତେଜନା

**ବଡ଼ଦାଣ୍ଡରେ ଡ୍ରେନ୍ ନିର୍ମାଣ ପ୍ରସଙ୍ଗ**

ଗୁଣପୁର,୫।୯(ପ୍ରଦୀପ କୁମାର ପାଢ଼ୀ)

ଗୁଣପୁର ଜଗନ୍ନାଥ ମନ୍ଦିର ବଡ ଦାଣ୍ଡରେ ଡ୍ରେନ ନିର୍ମାଣ ପାଇଁ ମଙ୍ଗଳବାର ସନ୍ଧ୍ୟାରେ ଜାଗା ଚିହ୍ନଟ କରାଯାଉଥିବା ସମୟରେ ସେଠାରେ ଘର କରିରହିଥିବା ଲୋକମାନେ ବିରୋଧ କରିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ଲୋକଙ୍କ ବିରୋଧ ଯୋଗୁ ଜମି ଚିହ୍ନଟ କାର୍ଯ୍ୟ ଅଧାରେ ଅଟକି ଥିବାବେଳେ ବୁଧବାର ପୁଣି ଚିହ୍ନଟ କରାଯିବ ବୋଲି ସ୍ଥିରହୋଇଥିଲା।

ସୂଚନାଯୋଗ୍ୟ, ଗୁଣପୁର ବଡଦାଣ୍ଡର ରାସ୍ତା ପାର୍ଶ୍ୱରେ ଡ୍ରେନ ନିର୍ମାଣ ପାଇଁ ଟେଣ୍ଡର ହେବା ପରେ ଠିକାଦାର କାର୍ଯ୍ୟ ଆରମ୍ଭ କରିଥିଲେ। ହେଲେ ମନ୍ଦିର ପରିଚାଳନା କମିଟି ସହ ଅନ୍ୟ ବ୍ୟକ୍ତିମାନେ ଏହାକୁ ବିରୋଧ କରିଥିଲେ। ବଡଦାଣ୍ଡର ଜମି ଚିହ୍ନଟ ତଥା ଅତିକ୍ରମଣ ହଟାଯାଇ ଡ୍ରେନ ନିର୍ମାଣ କରାଯାଉ ବୋଲି ସ୍ଥାନୀୟ ଲୋକେ ଦାବି କରିଥିଲେ। ପୂର୍ବର ଅନେକ ତହସିଲଦାରଙ୍କ ସମେତ ରାଜସ୍ୱ ନିରୀକ୍ଷକମାନେ ରାସ୍ତାକଡରେ ଅତିକ୍ରମଣ କରାଯାଇଥିବା କହିଥିବାରୁ ଜାଗା ଚିହ୍ନଟ କରାଯାଇ ବଡଦାଣ୍ଡର ଜମି କେତେ ପର୍ଯ୍ୟନ୍ତ ରହିଛି ତାହା ବାହାର କରାଯାଉ ବୋଲି ଦାବି କରିଥିଲେ। ଫଳରେ ଡ୍ରେନ ନିର୍ମାଣ କାର୍ଯ୍ୟ ଅଟକି ରହିଥିଲା। ଏହାପରେ ଦାବି ମୁତାବକ ଜମି ଚିହ୍ନଟକରଣ ପାଇଁ ତହସିଲଦାର ଶରତ ଚନ୍ଦ୍ର ନାୟକ, ପୌର ପରିଷଦର ନିର୍ବାହି ଅଧିକାରୀ ଡ.ସତ୍ୟ ସମ୍ପୂର୍ଣ୍ଣା ରାଉତ ଏବଂ ଉଭୟ ବିଭାଗର ଅମିନଙ୍କ ସମେତ ରାଜସ୍ୱ ବିଭାଗର ଆରଆଇ, ସୁପରଭାଇଜରଙ୍କ ଉପସ୍ଥିତିରେ ଜମି ଚିହ୍ନଟକରଣ ହୋଇଥିଲା। ପରେ ରାସ୍ତାର ୨୦ ଫୁଟ ପର୍ଯ୍ୟନ୍ତ ସରକାରୀ ଜମି ରହିଥିବା ଜଣାପଡିଥିଲା। ଏହାପରେ ସେହି ଅଞ୍ଚଳରେ ଘର କରି ରହୁଥିବା ଲୋକମାନେ ଏହାର ବିରୋଧ କରିବା ସହ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ୧୮.୬ ଫୁଟ ପର୍ଯ୍ୟନ୍ତ ଜମି ରଖିବାକୁ ଖୁଣ୍ଟ ପୋତା ଯାଇଥିଲା। ଏହାପରେ ମଧ୍ୟ ଲୋକମାନେ ସେମାନଙ୍କ ପ୍ରତି ଅନ୍ୟାୟ କରାଯାଉଥିବା କହି ଅସନ୍ତୋଷବ୍ୟକ୍ତ କରିଥିଲେ। ବିବାଦୀୟ ପରିସ୍ଥିତି ସୃଷ୍ଟି ହେବା ଯୋଗୁଁ ଜମିଚିହ୍ନଟରକୌଣସି ନିଷ୍କର୍ଷ ବାହାରି ପାରି ନ ଥିଲା।



ଜମି ଚିହ୍ନଟୀକରଣ ସ୍ଥାନରେ ଲୋକମାନେ ପ୍ରତିବାଦ ଜଣାଉଛନ୍ତି।

## ଜିଲାସ୍ତରୀୟ ସଂସାଧନ ସଭ୍ୟ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ମାଲକାନଗିରି, ୫।୯(ଦୁର୍ଯ୍ୟୋଧନ ପାତ୍ର)

ଓଡିଶା ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ମିଳିତ ଆନୁକୂଲ୍ୟରେ ଦୁଇ ଦିନିଆ ଜିଲାସ୍ତରୀୟ ସଂଶାଧନ ସଭ୍ୟଙ୍କ ପ୍ରଶିକ୍ଷଣ ଶିବିର ପଞ୍ଚାୟତ ସାଧାନ କେନ୍ଦ୍ରରେ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ବିଭିନ୍ନ ଲୋକକଳା ମଧ୍ୟମରେ ସରକାରଙ୍କ ଉନ୍ନୟନମୂଳକ ଯୋଜନାଗୁଡିକୁ ଲୋକଙ୍କ ପାଖରେ ପହଞ୍ଚାଇବା ଏବଂ ସ୍ଥାନୀୟ ପାରମ୍ପରିକ ଲୋକ କଳାକାରଙ୍କ ଜୀବନ ଜୀବିକାରେ ସହାୟତା ନିମନ୍ତେ ଜିଲା ବ୍ୟାପି ପଞ୍ଚାୟତସ୍ତରରେ ଲୋକକଳା ପ୍ରୟୋଗ ଦ୍ୱାରା ସୂଚନା, ଶିକ୍ଷା ଓ ଯୋଗାଯୋଗ ଅଭିଯାନର ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ମୁଖ୍ୟ ଅତିଥି ଅତିରିକ୍ତ ଜିଲାପାଳ ବେଦବର ପ୍ରଧାନ କହିଥିଲେ। କାର୍ଯ୍ୟକ୍ରମ ନିମନ୍ତେ ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ଏବଂ ବ୍ଲକ କଳା ସାଂସ୍କୃତିକ ସଂଘ ଉପସଭାପତି ନିଜ ବ୍ଲକ ତଥା ପଞ୍ଚାୟତରେ ପ୍ରଚାର ପ୍ରସାର କରିବେ। ଶ୍ରୀ ପ୍ରଧାନ ବିଏସଏସଓ ମାନଙ୍କୁ ସେପ୍ଟେମ୍ବର ୧୫ ରୁ ୩୦ ପର୍ଯ୍ୟନ୍ତ ହେବାକୁ ଥିବା ଆଇଇସି କାର୍ଯ୍ୟକ୍ରମ ନିମନ୍ତେ ଏକ ପ୍ରୋଗ୍ରାମ କ୍ୟାଲେଣ୍ଡର ପ୍ରସ୍ତୁତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। କେଉଁ ଦଳ କେଉଁ ପଞ୍ଚାୟତରେ କଳା ମାଧ୍ୟମରେ ସରକାରଙ୍କ ବିଭିନ୍ନ ଯୋଜନା ପ୍ରଦର୍ଶନ କରିବେ ତାର ତାଲିକା ତିଆରି କରିବାକୁ କୁହାଯାଇଛି। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝି ସ୍ୱାଗତ ଭାଷଣ ଦେଇଥିଲେ। ରାଜ୍ୟ ସଂସାଧନ ବିଶେଷଜ୍ଞ ଈଶ୍ୱର ପାଣିଗ୍ରାହୀ ପୁଙ୍ଖାନୁପୁଙ୍ଖ ଭାବେ କିଭଳି ସରକାରଙ୍କ ଯୋଜନାକୁ ପଞ୍ଚାୟତସ୍ତରରେ ପ୍ରଚାର ପ୍ରସାର କରିବେ ବିସ୍ତୃତ ଆଲୋଚନା କରିଥିଲେ । ସେହିପରି ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଜିଲା ପରିଷଦ ଏପିଡି, ଅର୍ଥ ଓ ମାନସ ମିଶ୍ର ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଶ୍ରମ, କୃଷି, ଶିକ୍ଷା, କ୍ରୀଡ଼ା, ମିଶନ ଶକ୍ତି, ସ୍ୱାସ୍ଥ୍ୟ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ଅଧିକାରୀ ଉପସ୍ଥିତ ରହି ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମକୁ ବିନାଶ ମିଶ୍ର ପରିଚାଳନା କରିଥିଲେ ଅନ୍ୟମାନଙ୍କ ମଧ୍ୟରେ ପୌର ପରିଷଦ ନିର୍ବାହୀ ଅଧିକାରୀ କାହ୍ନୁଚରଣ ପଟ୍ଟନାୟକ, ଜିଲା ଶ୍ରମ ଅଧିକାରୀ ଶରତ ପାଣିଗ୍ରାହୀ, ହରେକୃଷ୍ଣ କୀର୍ତ୍ତନିଆ ଏବଂ ରଞ୍ଜନ ମହାନ୍ତି ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ, ଜିଲାସ୍ତରୀୟ ପ୍ରଶିକ୍ଷଣ ପରେ ସମ୍ପୃକ୍ତ ବ୍ଲକ ଅଧିକାରୀମାନେ ବ୍ଲକସ୍ତରରେ ପ୍ରଶିକ୍ଷଣ ଆୟୋଜନ କରିବେ।



ଶିବିରରେ ପ୍ରଶିକ୍ଷଣ ଦିଆଯାଉଛି ।

## ଅବସର ନେଇଥିବା ୧୭ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

ଗୁଣପୁର,୫।୯ (ପ୍ରଦୀପ କୁମାର ପାଢ଼ୀ)

ଗୁଣପୁର ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟଠାରେ ଅବସର ନେଇଥିବା ୧୭ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ମଙ୍ଗଳବାର ସମ୍ବର୍ଦ୍ଧିତ କରାଯାଇଛି। ବିଇଓ ପ୍ରତିଶ୍ରୁତି ସିଂଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ୨୦୨୨ ସେପ୍ଟେମ୍ବରରୁ ଅଗଷ୍ଟ ୨୦୨୩ ମଧ୍ୟରେ ଅବସର ନେଇଥିବା ଶିକ୍ଷୟିତ୍ରୀ ଶିକ୍ଷକ ଯଥା ମୁରାରୀ ପ୍ରସାଦ ପଣ୍ଡା, ଫାଲଗୁନ ଶବର, ଜୟନ୍ତିମାଳା ପାତ୍ର, ଗୁଜୁଲା ହରିନାଥ, ପ୍ରଭାକର ପ୍ରଧାନ,ସରୋଜ ମହାପାତ୍ର, କେ.ସୁନ୍ଦରରାଓ, ଅନନ୍ତ ପ୍ରସାଦ ରଥ, ଏମ.ରାମକୃଷ୍ଣ, ଅସିତ କୁମାର ପାତ୍ର, ଯମୁନା ସୁଆର, ଯୁବକଚନ୍ଦ୍ର ପାଲକା, ଶୁକନ୍ତଳା ଶତପଥୀ, ସୀତାରାମ ପାତ୍ର, ପ୍ରଫୁଲ କୁମାର ରାଜଗୁରୁ ମହାପାତ୍ର, ନିଶାମଣି ରଥ ଏବଂ ରମେଶ ଚନ୍ଦ୍ର ପାତ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଆରସିସି ଲକ୍ଷ୍ମୀ ବେହେରା, ଏବିଇଓ ସବିତା ଶବର ପ୍ରମୁଖ ଉପସ୍ଥିତ ଥିଲେ। ସିଆରସିସି ଦିଲିପ ପାଣିଗ୍ରାହୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ସିଆରସିସି ସଞ୍ଜିବ କୁମାର ପଟ୍ଟନାୟକ ଧନ୍ୟବାଦ ପ୍ରଦାନ କରିଥିଲେ ।

## ଉଠା ଜଳସେଚନ ପ୍ରକଳ୍ପ ଉଦ୍‌ଘାଟନ କଲେ ବିଧାୟକ



ଗୁଡ଼ାରି,୫।୯ (ପ୍ରମୋଦ କୁମାର ପତି)

ଗୁଡ଼ାରି ବ୍ଲକ ଅନ୍ତର୍ଗତ ଏମକେରାଇ ଗ୍ରାମରେ ନିର୍ମିତ ଉଠା ଜଳସେଚନ ପ୍ରକଳ୍ପକୁ ମଙ୍ଗଳବାର ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ ଉଦ୍‌ଘାଟନ କରିଛନ୍ତି। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେବାଦ୍ୱାରା ଏମକେରାଇ ଗ୍ରାମପଞ୍ଚାୟତର ୨୦ ଜଣ ଚାଷୀଙ୍କ ପ୍ରାୟ ୬୦ଏକର ଜମି ଜଳସେଚନ ହୋଇପାରିବ ବୋଲି ଗୁଡ଼ାରି ଲ୍ୟାମ୍ପସ ସଭାପତି ରାମଚନ୍ଦ୍ର ଗମାଙ୍ଗ କହିଛନ୍ତି। ଏହି ପ୍ରକଳ୍ପ ଉଦ୍‌ଘାଟନ ଅବସରରେ ସ୍ଥାନୀୟ ଚାଷୀଙ୍କ ସହ ବିଧାୟକ କୃଷି ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ରାମଚନ୍ଦ୍ର ଗମାଙ୍ଗ, କେଦାର ସାହୁ, ସନ୍ତୋଷ ମହାନ୍ତି, ଏମ. ପ୍ରସାଦ, ଗଣପତି ଶବର, ଟୁନା ଗୌଡ଼ ଏବଂ ଅଞ୍ଚଳର ବହୁ ଚାଷୀ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

## 'ମାର୍କେଟିଂ ବ୍ୟବସ୍ଥାରେ ଉନ୍ନତି ନେଇ ନୂଆ ଯୁଗର ଟ୍ରେଣ୍ଡ' ସମ୍ପର୍କିତ ଆଲୋଚନା

**ଏମ୍‌ଏସ୍‌ଏମ୍‌ଇର ଜାତୀୟ ସେମିନାର**

ରାୟଗଡା,୫।୯(ଭାଗ୍ୟଶ୍ରୀ ମିଶ୍ର )

ଅଣୁ, କ୍ଷୁଦ୍ର, ମଧ୍ୟମ (ଏମ୍‌ଏସ୍‌ଏମ୍‌ଇ) ପାଇଁ ନୂତନ ଯୁଗର ଟ୍ରେଣ୍ଡ ଉପରେ ଜାତୀୟ ସେମିନାର ସ୍ଥାନୀୟ ଏକ ହୋଟେଲରେ ମଙ୍ଗଳବାର ଆୟୋଜିତ ହୋଇଯାଇଛି। ଭାରତ ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟର ନିର୍ଦ୍ଦେଶକ୍ରମେ ଏହି ସେମିନାର ଆୟୋଜନ କରାଯାଉଛି । ରାୟଗଡା ଜିଲାପାଳ ସ୍ୱାଧାଦେବ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରଥିଲେ। ସେମିନାରରେ ମୋଟ ୧୩୦ ଜଣ ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗୀ ଅଂଶଗ୍ରହଣ କରିଥିଲେ। ଉଦ୍ୟୋଗୀମାନେ କିପରି ଭଲ ପ୍ୟାକେଜିଂ କରି ଗ୍ରାହକଙ୍କୁ ଆକୃଷ୍ଟ କରାଯାଇପାରିବ ସେ ନେଇ ଅତିଥିମାନେ ପରାମର୍ଶ ଦେଇଥିଲେ।

ରାୟଗଡା ପ୍ରାକୃତିକ ସମ୍ପଦରେ ଭରପୂର ଥିବାବେଳେ ଏଠାରେ ଏମ୍‌ଏସ୍‌ଏମ୍‌ଇ ଗଠନ ହେଲେ ସୁଦ୍ଧା ଅଳ୍ପ ଦିନରେ ବନ୍ଦ ହୋଇଯାଉଥିବା ଅତିଥିମାନେ କହିଥିଲେ। ତେଣୁ ସରକାରୀ ସ୍ତରରେ ଯେପରି ପ୍ରତ୍ୟେକ ବିଦ୍ୟାଳୟର ଉପକରଣ କାର୍ଯ୍ୟ ହେଉ କି ଅନ୍ୟ କିଛି ଏସ୍‌ଏଜିଙ୍କୁ ଦିଆଯାଉଛି ସେହିପରି ଏମ୍‌ଏସ୍‌ଏମ୍‌ଇଙ୍କୁ ମଧ୍ୟ ସ୍ଥାନୀୟ ବଜାରରେ କାମର ବ୍ୟବସ୍ଥା କରାଯିବା ଉଚିତ ବୋଲି ଆଲୋଚନା କରାଯାଇଛି। ରାୟଗଡା ଜିଲାର ଉଦ୍ୟୋଗୀମାନେ କିପରି ଅଧିକ ଲାଭବାନ ହୋଇପାରିବେ ସେହି ଲକ୍ଷ୍ୟ ନେଇ ସେମିନାର ଆୟୋଜନ କରାଯାଇଥିବା ଅତିଥିମାନେ କହିଥିଲେ। ସେମିନାରରେ ଡିଜିଟାଲ ମାର୍କେଟିଂ ଉପକରଣଗୁଡିକ କ'ଣ ରହିଛି, ସରକାରୀ ଇ ମାର୍କେଟ ପ୍ଲେସ ରେଜିଷ୍ଟ୍ରେସନ, ଆଧୁନିକ ପ୍ୟାକେଜିଂ କିପରି କରିପାରିବେ, ଖାଦ୍ୟ ନିରାପତ୍ତା ନିୟମାବଳୀ ଜାତୀୟ ଏସ୍‌ଟିଏସ୍‌ସି ଯୋଜନା ପ୍ରମୁଖ ବିଷୟରେ ଆଲୋଚନା କରାଯାଇଥିଲା। ଏମ୍‌ଏସ୍‌ଏମ ପାଇଁ ଡିଜିଟାଲ ମାର୍କେଟିଂ ଟୁଲ୍, ଜିଏମପୋର୍ଟାଲ,ରେଜିଟ୍ରେସନ, ଆଧୁନିକ ପ୍ୟାକଜିଂ ଟେକ୍ନୋଲୋଜି, ଓଡିଶାରେ ରପ୍ତାନି ସୁଯୋଗ, ବୌଦ୍ଧିକତା ଗୁଣଧର୍ମ ଅଧିକାର, ଉପକରଣ, ବାରକୋଡ଼ ପଞ୍ଜିକରଣ ପ୍ରକ୍ରିୟା , ଏନଏସଆଇସିର ମାର୍କେଟିଂ ସପୋର୍ଟ ସ୍କିମ, ଏମଏସଏମଇ ମନ୍ତ୍ରଣାଳୟ ଭାରତ ସରକାର ତଥା ଓଡିଶା ସରକାରଙ୍କ ମାର୍କେଟିଂ ସହାୟତା ସ୍କିମ ଭଳି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ କଟକ ଏମ୍‌ଏସ୍‌ଏମ୍‌ଇ (ଡିଏଫଓ) ସହାୟକ ନିର୍ଦ୍ଦେଶକ ଏସ୍‌ଏନ୍ ନାୟକ, ରାୟଗଡା ଡିଏସ୍‌ଏସ୍‌ଆଇ ସଭାପତି ଏ ଗୋବିନ୍ଦ ରାଓ, ସାଧାରଣ ସମ୍ପାଦକ ଓ ଏମ୍‌ଏସ୍‌ଏମ୍‌ଇ କଟକ ସାତ୍ୱିକ ସ୍ୱାଇଁ, ୟୁସିସିଆଇଏଲ୍ ଭୁବନେଶ୍ୱର ଏ.କେ. ସାରଦା, ଜିଲା ଶିଳ୍ପ କେନ୍ଦ୍ରର ସାଧାରଣ ମ୍ୟାନେଜର ବିକାଶ ଚନ୍ଦ୍ର ବେନ, ସ୍ଥିର ଜଏଣ୍ଟ ଡାଇରେକ୍ଟର ପି.କେ. ଗୁପ୍ତା ମଞ୍ଚାସୀନ ଥିଲେ । ରାୟଗଡାର ଡିଆଇସି ଆଇପିଓ ସବ୍ୟସାଚୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।





ଏମଏସଏମଇର ସେମିନାରରେ ମଞ୍ଚାସୀନ ଅତିଥିମାନେ।

## ଭବିଷ୍ୟତ ଗଠନରେ ଗୁରୁଙ୍କ ଭୂମିକା ଅବିସ୍ମରଣୀୟ



ମଞ୍ଚରେ ଅତିଥିଙ୍କ ସହ ସମ୍ମାନିତ ହୋଇଥିବା ଅବସରପ୍ରାପ୍ତ ଶିକ୍ଷକ।

ରାୟଗଡ଼ା,୫।୯( ଭାଗ୍ୟଶ୍ରୀ ମିଶ୍ର)

ରାୟଗଡ଼ା ଜିଲାପାଳଙ୍କ ଚିନ୍ତନ କକ୍ଷରେ ମଙ୍ଗଳବାର ଜିଲା ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଜିଲାସ୍ତରୀୟ ଗୁରୁ ଦିବସ ପାଳିତ ହୋଇଛି। ଏଥିରେ ଅତିରିକ୍ତ ଜିଲାପାଳ ଭାସ୍କର ରଇତ ମୁଖ୍ୟଅତିଥି ଏବଂ ସମ୍ମାନିତ ଅତିଥି ରୂପେ ରାୟଗଡ଼ା ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଭଜନଲାଲ ମାଝି ଓ ରାୟଗଡ଼ା ସଦର ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଦୀପ୍ତ କୁମାର ଦାସ ଯୋଗଦେଇଥିଲେ। ଏହି ଅବସରରେ ଜିଲାର ୧୧ଟି ବ୍ଲକ ଓ ପୌରାଞ୍ଚଳରୁ ମୋଟ ୪୦ ଜଣ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା । ମୁଖ୍ୟଅତିଥି ଅତିରିକ୍ତ ଜିଲାପାଳ ରଇତ ଭବିଷ୍ୟତ ଓ ଚରିତ୍ର ଗଠନରେ ଗୁରୁଙ୍କ ଭୂମିକା ଅବିସ୍ମରଣୀୟ। ଶିକ୍ଷା ବ୍ୟତୀତ ବିଭିନ୍ନ କ୍ଷେତ୍ରରେ ସହଯୋଗ କରୁଥିବାରୁ ସମାଜରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଜିଲା ସାଧାରଣ ସମ୍ପାଦକ ଏହାର ସଂଯୋଜନା କରିଥିବାବେଳେ ସସ୍ମିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଜିଲା ସଭାପତି ଅଜିତ କୁମାର ଚୌଧୁରୀ, ରାଜ୍ୟ ଉପସଭାପତି ନରେଶ ସିଂ, ଆଞ୍ଚଳିକ ସମ୍ପାଦକ ଦୀପକ ରାଉତ ସମେତ ଅତିଥି ବୃନ୍ଦଙ୍କୁ ଉପଢୌକନ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଜିଲା ସଂଘ କର୍ମକର୍ତ୍ତା ନୀଳାଚଳ ପଣ୍ଡା, ବି ସୁଜାତା, ଅଞ୍ଜଳି ଶତପଥୀ, ମହେନ୍ଦ୍ର ବାଗ, ସାନନ୍ଦ ବେନିଆ, ବ୍ଲକ ସଭାପତି ସଦାନନ୍ଦ ବେନିଆ, ସମ୍ପାଦକ ଦୁର୍ଗା ସନ୍ୟାସୀ ବେହେରା, ମହେନ୍ଦ୍ର ବାଗ, ପୁରନ୍ଦର ପାଣି, ସୁଧାକର ଚୌଧୁରୀ ଆଦି ସଂଘ କର୍ମକର୍ତ୍ତା ସହଯୋଗ କରିଥିଲେ । ଜିଲାପାଳ ସ୍ୱାଧାଦେବ ସିଂ ଗୁରୁ ଦିବସ ଅବସରରେ ସମସ୍ତ ଅବସରପ୍ରାପ୍ତ ଓ କାର୍ଯ୍ୟରତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ।

**ଗୁଣପୁର, (ପ୍ରଦୀପ କୁମାର ପାଢ଼ୀ)–** ଗୁଣପୁରର ବିଭିନ୍ନ ସ୍କୁଲରେ ମଙ୍ଗଳବାର ଗୁରୁ ଦିବସ ପାଳିତ ହୋଇଯାଇଛି। ସରସ୍ୱତି ଶିଶୁ ବିଦ୍ୟା ମନ୍ଦିରରେ ଶିଶୁବର୍ଗ ଓ ବାଳବର୍ଗ ୨ ଟି ପର୍ଯ୍ୟାୟରେ କାର୍ଯ୍ୟକ୍ରମ କରାଯାଇଥିଲା। ଶିଶୁବର୍ଗ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ ଭାସ୍କର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ବାଳବର୍ଗ କାର୍ଯ୍ୟକ୍ରମରେ ଗାନ୍ଧୀ ଗ୍ରୁପର ସଭାପତି ଡ.ସତ୍ୟ ପ୍ରକାଶ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ ଶତପଥୀ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସେହିପରି ଗାନ୍ଧୀ ପବ୍ଲିକ ସ୍କୁଲ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଆଇଇଟି ବିଶ୍ୱବିଦ୍ୟାଳୟ ମହା ନିର୍ଦ୍ଦେଶକ ଡ. ଜଗଦିଶ ପଣ୍ଡା ଅତିଥି ଭାବେଯୋଗଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ସୁବ୍ରତ ରଞ୍ଜନ ପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବୃନ୍ଦାବନ ପ୍ଲେ ସ୍କୁଲଠାରେ ମଧ୍ୟ ଗୁରୁ ଦିବସ ପାଳନ ହୋଇଥିଲା। ମୁଖ୍ୟ ଅତିଥି ଭାବେ ରମାକାନ୍ତ ପାଢ଼ୀ ଉପସ୍ଥିତ ରହିଥିଲେ। ନ୍ୟୁ ଡ୍ରିମ ଇଣ୍ଡିଆ ସ୍କୁଲଠାରେ ପ୍ରଶାସନିକ ଅଧିକାରୀ ଅଶୋକ କୁମାର କରଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗୁରୁ ଦିବସ ଅବସରରେ ଗୁଣପୁର ବଳରାମ ନଗରଠାରେ ରହୁଥିବା ବିଶିଷ୍ଟ ମୃଦଙ୍ଗ ବାଦକ ଗୁରୁ ସୁବାସ ଚନ୍ଦ୍ର ରଥଙ୍କୁ ଶିରିଝୋଲି ପଞ୍ଚାୟତର ପଗଡବିଲି ଗ୍ରାମଠାରେ ତାଙ୍କ ଶିଷ୍ୟମାନେ ଗୁରୁ ପୂଜନ କରିଥିଲେ।



ଜିଆଇଇଟି ବିଶ୍ୱବିଦ୍ୟାଳୟ ସଭାପତିଙ୍କୁ ପୂଜନ କରାଯାଉଛି ।

**ପଦ୍ମପୁର,(ପ୍ରଶାନ୍ତ କୁମାର କର)–**ପଦ୍ମପୁରର ବିଭିନ୍ନ ଶିକ୍ଷାନୁଷ୍ଠାନରେ ସର୍ବପଲ୍ଲୀ ରାଧା କ୍ରିଷ୍ଣଙ୍କ ଜୟନ୍ତୀ ପାଳିତ ହୋଇଯାଇଅଛି । ପଦ୍ମପୁରସ୍ଥିତ +୨ ତ୍ରିବେଣୀ ଜ୍ଞାନ ମନ୍ଦିର, କଳା ଓ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗୁରୁ ଦିବସ ପାଳନ କରାଯାଇଛି। ଉକ୍ତ ଉତ୍ସବରେ ମୁଖ୍ୟଅତିଥି ଭାବେ ଜୁମୁରୁଗୁଡ଼ାର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ରାଜ୍ୟ ସ୍ତରୀୟ ଗୁରୁବ୍ରହ୍ମା ସମ୍ମାନରେ ସମ୍ମାନିତ ଦିଲୀପ କୁମାର କରଙ୍କୁ ଫୁଲ ଚନ୍ଦନ ସହ ବନ୍ଦାପନା କରାଯାଇ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଅଧ୍ୟକ୍ଷ ସରୋଜ ପଟ୍ଟନାୟକ , ପ୍ରଶାସନିକ ଅଧିକାରୀ ଅନିତା ମିଶ୍ର, ଗୁରୁଛାତ୍ର ସମ୍ପର୍କ ବିଷୟରେ ଆଲୋକପାତ କରିଥିଲେ। ସେହିପରି ଜୁମୁରୁଗୁଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ନିଆରା ଢଙ୍ଗରେ ଗୁରୁ ଦିବସ ପାଳନ କରାଯାଇଥିଲା । ବିଦ୍ୟାଳୟର ସଭାପତି ହରିକୃଷ୍ଣ ରାମନାଥ ଶବର, ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦିଲୀପ କୁମାର କର ଓ ଶିକ୍ଷକ ହୃଷିକେଶ ପରିଡ଼ା ଲା ଗ୍ରାମର ୩ଜଣ ଅବସରପ୍ରାପ୍ତ ଶିକ୍ଷକ ଭାସ୍କର ଚନ୍ଦ୍ର ପାଣି ଗ୍ରାହୀ (ସଂସ୍କୃତ ପଣ୍ଡିତ), ଦେବେନ୍ଦ୍ର ପଣ୍ଡା ଓ ଶ୍ରୀବତ୍ସ କୈବର୍ତ୍ତଙ୍କୁ ମୁଖ୍ୟ ଅତିଥି ରୂପେ ନିମନ୍ତ୍ରିତ କରି ଫୁଲ ଚନ୍ଦନ ଦେଇ ପୂଜା କରିବା ସହ ବନ୍ଦାପନା କରିଥିଲେ । ପ୍ରକୃତି ମିତ୍ର ପୁରସ୍କାର ପ୍ରାପ୍ତ ଶିକ୍ଷକ ଦିଲ୍ଲୀପ କୁମାର କର ଆଣିଥିବା ଚାରା ଉପସ୍ଥିତ ଗୁରୁଙ୍କ ଦ୍ୱାରା ବିଦ୍ୟାଳୟ ପରିସରରେ ରୋପଣ କରାଯାଇଥିଲା। ପଦ୍ମପୁରସ୍ଥିତ ମୁକୁନ୍ଦ ବିହାର ପରିସରରେ ଅବସ୍ଥିତ ନୂତନ କ୍ୟାମ୍ପସ ଆଇଡିଅଲ ପବ୍ଲିକ ସ୍କୁଲରେ ଗୁର ଦିବସ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆର୍.ଜି.ମହାବିଦ୍ୟାଳୟର ଅବସର ପ୍ରାପ୍ତ ଅଧ୍ୟକ୍ଷ ଉଦୟ ଚନ୍ଦ୍ର ସାହୁ ଯୋଗଦେଇ ଗୁରୁ ଶିଷ୍ୟର ସମ୍ପର୍କ ବିଷୟରେ ଉଦ୍‌ବୋଧନ ଦେଇଥିଲେ। ବିଦ୍ୟାଳୟ ଅଧ୍ୟକ୍ଷା ଜ୍ୟୋତି ସାହୁ ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ। ବିଦ୍ୟାଳୟର ଏ.ଓ ତ୍ରିପତି ଜେନା, ଓଲ୍ଡ କ୍ୟାମ୍ପସର ପ୍ରଧାନ ଶିକ୍ଷୟିତ୍ରୀ ମିତୁ ପାଢ଼ୀ ଉପସ୍ଥିତ ଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ରଙ୍ଗା ରଙ୍ଗ କାର୍ଯ୍ୟ କ୍ରମ ଅନୁଷ୍ଠିତ ହୋଇଥିଲା।



ଗୁରୁଦିବସରେ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

**ଗୁଡ଼ାରି,(ପ୍ରମୋଦ କୁମାର ପତି)–**ଗୁଡ଼ାରି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମଙ୍ଗଳବାର ଧୁମଧାମରେ ଗୁରୁଦିବସ ପାଳିତ ହୋଇଯାଇଛି। ସହରର ଜଣାଶୁଣା ଅବସରପ୍ରାପ୍ତ ଶିକ୍ଷକ ନୃସିଂହ ପ୍ରସାଦ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇ ପ୍ରଥମେ ସର୍ବପଲ୍ଲୀ ରାଧାକ୍ରିଷ୍ଣାନ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟ ଅର୍ପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଉପସ୍ଥିତ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ଗୁରୁଦିବସ ପାଳନ ସମ୍ପର୍କରେ କହିବା ସହ ଅନ୍ଧକାରରୁ ଆଲୋକ ଯିଏ ଦେଖେଇଥାନ୍ତି ସେ ହିଁ ଗୁରୁ ବୋଲି କହିଥିଲେ। ଏହାଛଡା ଭବିଷ୍ୟତରେ ଜଣେ ଭଲ ମଣିଷ ହୋଇ ଏହି ଅନୁଷ୍ଠାନର ନାମକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ଆଶୀର୍ବାଦ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଦିଲୀପ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ସାମୁହିକ ଗୁରୁ ପୂଜନ କରିବା ସହ ନିଜ ଶକ୍ତି ଅନୁସାରେ ଗୁରୁଜୀ ଓ ଗୁରୁମା'ମାନଙ୍କୁ ଉପହାର ଦେଇ ଆଶୀର୍ବାଦ ନେଇଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ ଗୁରୁମା ଗୁରୁଜୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## କଳାବ୍ୟାଜ୍ ପିନ୍ଧି ଶିକ୍ଷକଙ୍କ ଗୁରୁଦିବସ

ଗୁଣପୁର,୫।୯ (ପ୍ରଦୀପ କୁମାର ପାଢ଼ୀ)

ରାଜ୍ୟ ସରକାରଙ୍କ ଅନୁଦାନପ୍ରାପ୍ତ ବିଦ୍ୟାଳୟକୁ ଅଣଦେଖା ଓ ବେପରୁଆ ମନୋଭାବକୁ ବିରୋଧ କରି ସମସ୍ତ ଅନୁଦାନପ୍ରାପ୍ତ ଶିକ୍ଷକ ଓ କର୍ମଚାରୀମାନେ ମଙ୍ଗଳବାର ଗୁରୁ ଦିବସକୁ କଳା ଦିବସ ଭାବେ ପାଳନ କରିଛନ୍ତି। ଏହି କ୍ରମରେ ରାୟଗଡା ଜିଲା ଗୁଣପୁର ବ୍ଲକ ଚିନାସାରିଠାରେ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଏବଂ କର୍ମଚାରୀମାନେ କାଳାବ୍ୟାଜ୍ ପିନ୍ଧି ପ୍ରତିବାଦ ଜଣାଇଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଏବଂ କର୍ମଚାରୀମାନେ କଳାବ୍ୟାଜ ପରିଧାନ କରି ଗୁରୁ ଦିବସ ପାଳନ କରିଥିଲେ।



